ଓଡ଼ିଶାର ପ୍ରଥମ ଦୈନିକ ମଧ୍ୟାହ୍ନ ଖବରକାଗଜ

RNI NO - ORIORI/2006/19548
Visit us at : www.amarajdhani.com

# ଆମ ରାଜଧାନୀ


Rs.4.00

Odisha's First Mid-Day Daily

ବର୍ଷ: ୧୯, ସଂଖ୍ୟା-୨୫, ଭୁବନେଶ୍ୱର, ୩୧.୩.୨୦୨୫, ସୋମବାର	Vol- XIX, Issue-25 Bhubaneswar, Dt 31.3.2025, Monday

## ରାଜାଚକ୍ରଙ୍କର ୧୪ଟି ଟିପ୍ପର ଓ ଗୋଟିଏ ଜେସିବି ଜବତ

କୋରାପୁଟ: କେନ୍ଦୁଝର ଜିଲ୍ଲା ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ୍ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲିମିଟେଡରେ ବହୁ କୋଟି ଟଙ୍କାର ଆର୍ଥିକ ହେରଫେର ମାମଲାରେ ଗିରଫ ବିଜେଡି ନେତା ସୌମ୍ୟଶଙ୍କର ଚକ୍ର ଓରଫ ରାଜାଙ୍କର ବ୍ୟାବସାୟିକ ସାମ୍ରାଜ୍ୟ କୋରାପୁଟକୁ ଲମ୍ୱିଛି । ଗତକାଲି ସେମିଳିଗୁଡାରୁ ରାଜା ଚକ୍ରଙ୍କର ୧୪ଟି ଟିପର ଓ ଗୋଟିଏ ଜେସିବିକୁ ଜବତ କରିଛି ଇଓଡବ୍ଲ୍ୟୁ । ସେମିଳିଗୁଡା ସହର ଉପକଣ୍ଠରେ ୧୫ରୁ ଅଧିକ କ୍ରସର ଥିବା ବେଳେ ଏଥିରେ ରାଜା ଚକ୍ରଙ୍କର ଏକାଧିକ ଗାଡ଼ି ପରିବହନ ପାଇଁ ଲାଗିଛି । ଏହି ଘଟଣା ଇଓଡବ୍ଲୁ ନଜରକୁ ଆସିବା ପରେ ଗାଡ଼ିଗୁଡ଼ିକୁ ଜବତ ପାଇଁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାପରେ ୧୪ଟି ଟିପର ସହ ଗୋଟିଏ ଜେସିବିକୁ ଜବତ କରିଛି ସେମିଳିଗୁଡା ପୁଲିସ । ଇଓଡବ୍ଲ୍ୟୁର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୧୭-୧୮ରୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲିଃ ୧୮୫ କୋଟି ଟଙ୍କା ଲାଭ କରିଥିବା ଖାତାରେ ଦର୍ଶାଇଥିଲେ ମଧ ୨୦୧୨-୧୩ରୁ ୨୦୨୪ ପର୍ଯ୍ୟନ୍ତ ସୋସାଇଟିର କୌଣସି ଅଡିଟ୍ କରାଯାଇନାହିଁ ।






ଆମ ରାଜଧାନୀ

# ସମ୍ପାଦକୀୟ...

## ଗୃହ ଯୋଜନା ସରିବ କେବେ ?

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାଜ୍ୟର ଗୃହ ଯୋଜନାକୁ ମିଶାଇ ଯେଉଁ ଅନ୍ତର୍ଦ୍ଦୋୟ ଗୃହ ଯୋଜନା ଆରମ୍ଭ କରିଛନ୍ତି ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ଆସନ୍ତା ୩ବର୍ଷ ଭିତରେ ଏହି ଯୋଜନାରେ ୫ଲକ୍ଷ ଘର ଯୋଗାଇ ଦିଆଯିବ । ଏହିସବୁ ଘରକୁ ଶୌଚାଳୟ, ରନ୍ଧନ ଗ୍ୟାସ, ସ୍ୱଚ୍ଛ ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯିବ । ୭୫୫୦ କୋଟି ଟଙ୍କା ବ୍ୟୟରେ ହେଉଥିବା ଏହି ଯୋଜନା ୩ବର୍ଷ ପରେ ଯେତେବେଳେ ଶେଷ ହେବ ସେତେବେଳେ ରାଜ୍ୟରେ ସବୁ ଲୋକଙ୍କ ପାଇଁ ପକ୍କା ଛାତଘର ସୁନିଶ୍ଚିତ ହୋଇଯିବ କି ? କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯେତେବେଳେ ପ୍ରଥମେ ଆରମ୍ଭ କଲେ, ସେତେବେଳେ କୁହାଗଲା ଯେ, ୨୦୨୨ ସୁଦ୍ଧା ଦେଶର ସବୁ ଗରିବ ଲୋକମାନଙ୍କ ପାଇଁ ପକ୍କାଘର ନିର୍ମାଣ କରିବେ । ସେତେବେଳେ ରାଜ୍ୟରେ ଥିବା ବିଜେଡ଼ି ସରକାର ମଧ ଏହି ମର୍ମରେ ଘୋଷଣା କରି ସେହି ୨୦୨୨ ସୁଦ୍ଧା ଗୃହ ଯୋଗାଣ କାର୍ଯ୍ୟ ଶେଷ ହେବ ବୋଲି କହିଥିଲେ । କିନ୍ତୁ ଏହି ଦୁଇଟି ଯାକ ଲକ୍ଷ୍ୟ ହାସଲ ନହେବାରୁ ଏବେ ବି ରାଜ୍ୟରେ ଘର ପାଇନଥିବା ଲୋକଙ୍କ ସଂଖ୍ୟା ୭ଲକ୍ଷରୁ ଊର୍ଦ୍ଧ୍ୱ ଥିବା କୁହାଯାଉଛି । ୨୦୨୩-୨୪ ଓ ୨୦୨୫ ସୁଦ୍ଧା ଏହି ଗୃହ ଯୋଗାଣ କାର୍ଯ୍ୟ ଶେଷ ହୋଇପାରିନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଂଟନରେ ପାତର ଅନ୍ତର ଓ ଦୁର୍ନୀତିର ଅଭିଯୋଗ ବି ଆସିଛି । ଯେତେବେଳେ ରାଜ୍ୟରେ କୌଣସି ଠାରେ ବନ୍ୟା ହେଉ କି ବାତ୍ୟା ହେଉ, ସେତେବେଳେ ଦେଖାଯାଉଛି ଯେ, ପକ୍କାଘର ନଥିବା ଲୋକଙ୍କ ସଂଖ୍ୟା ଏବେ ବି ବହୁ ପରିମାଣରେ ରହିଛି । ଫଳରେ ପ୍ରତ୍ୟେକ ପ୍ରାକୃତିକ ବିପର୍ଯ୍ୟୟରେ ଏହି ଶ୍ରେଣୀର ଲୋକମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି । ନିକଟରେ କାଳବୈଶାଖୀରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଯେଉଁ କ୍ଷତି ହୋଇଛି ତାହା ମୁଖ୍ୟତଃ ଏହି ପକ୍କାଘର ନଥିବା ଲୋକମାନଙ୍କର ହୋଇଛି । ଏହିସବୁ ଦୃଷ୍ଟିରୁ ରାଜ୍ୟରେ ଆଗାମୀ ୩ବର୍ଷରେ ୫ଲକ୍ଷ ଘର ଯୋଗାଇଦେବା ପାଇଁ ଏବେ ନୂଆ ଯୋଜନା କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୨୩ ଲକ୍ଷ ଘର ହୋଇଥିବା ସମୟରେ ୪ଲକ୍ଷ ଘର ନିର୍ମାଣାଧିନ ଅବସ୍ଥାରେ ଅଛି । ଅର୍ଥାତ୍ ଏହି ୨୭ ଲକ୍ଷ ଘର ନିର୍ମାଣ ପରେ ଆଉ ୫ଲକ୍ଷ ଘର ନିର୍ମାଣ ହେଲେ ରାଜ୍ୟରେ ପକ୍କାଘର ନଥିବା ଲୋକଙ୍କ ସଂଖ୍ୟା ଆଉ ରହିବ ନାହିଁ ବୋଲି ସରକାର ଘୋଷଣା କରିବା ଉଚିତ୍ । ଯେଉଁ ବ୍ୟକ୍ତିମାନଙ୍କର ଘର ଜମିର ରେକର୍ଡ ନଥିବାରୁ ବା ଭୂମିହୀନ ହୋଇଥିବାରୁ ଘର ପାଇନାହାନ୍ତି ସେମାନଙ୍କୁ ତୁରନ୍ତ ବାସଗୃହ ଜମି ଯୋଗାଇ ଦେବାପାଇଁ ରାଜସ୍ୱ ବିଭାଗ ଚଳିତ ବର୍ଷ କାର୍ଯ୍ୟ ଶେଷ କରିବା ଉଚିତ୍ । ପକ୍କାଘର ଯୋଗାଣ ଯୋଜନା ଆଉ ଅନିର୍ଦ୍ଧିଷ୍ଟ କାଳ ପାଇଁ ଝୁଲାଇ ନରଖି ଏହା ୨୦୨୮ ସୁଦ୍ଧା ରାଜ୍ୟରେ ଶେଷ ହେବ ବୋଲି ମୋହନ ମାଝୀଙ୍କ ସରକାର ଘୋଷଣା କରିବା ଉଚିତ୍ ।

## ବାକ୍ ସ୍ୱାଧୀନତା ନେଇ ସୁପ୍ରିମ୍‌କୋର୍ଟ ରାୟକୁ ପୋଲିସ୍ ପଢ଼ନ୍ତୁ

ସମ୍ବିଧାନରେ ବାକ୍ ସ୍ୱାଧୀନତାର ବା ମତପ୍ରକାଶ କରିବାର ଯେଉଁ ମୌଳିକ ଅଧିକାର ଅଛି ତାହାକୁ ସଂକୁଚିତ କରିବା ପାଇଁ ଜାତୀୟ ସୁରକ୍ଷା ନାମରେ ପୋଲିସ୍ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ସୁପ୍ରିମ୍‌କୋର୍ଟର ମତକୁ ଅଧ୍ୟୟନ କରିବା ଉଚିତ୍ । ଗୁଜୁରାଟ ପୋଲିସ୍ ଜଣେ କଂଗ୍ରେସ ସାଂସଦ ଇମ୍ରାମ୍ ପ୍ରତାପଗଡ଼ିଙ୍କର ଏକ ସୋସିଆଲ୍ ପୋଷ୍ଟ ଉପରେ ବିଚଳିତ ହୋଇ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଦେଇଥିଲା । ଗୁଜୁରାଟ ହାଇକୋର୍ଟ ପୋଲିସ୍‌ର ଏହି ପଦକ୍ଷେପ ବିରୋଧରେ କୌଣସି ପଦକ୍ଷେପ ନନେବା ଫଳରେ କଂଗ୍ରେସ ସାଂସଦ ସୁପ୍ରିମ୍‌କୋର୍ଟର ଆଶ୍ରୟ ନେଇଥିଲେ । ପ୍ରଥମେ ତାଙ୍କୁ ସୁପ୍ରିମ୍‌କୋର୍ଟ ସୁରକ୍ଷା ଦେବାପରେ ଗୁଜୁରାଟ ସରକାରଙ୍କର ମତ ପାଇବାପରେ ସିଧାସଳଖ ଭାବରେ ଗୁଜୁରାଟ ପୋଲିସ୍ ଦ୍ୱାରା ଆଗତ ଏତଲାକୁ ନାକଚ କରିଦେଇଛନ୍ତି । ସଂପୃକ୍ତ କଂଗ୍ରେସ ସଂସଦ ସାମାଜିକ ଗଣମାଧ୍ୟମରେ ଯେଉଁ କବିତାଟି ପୋଷ୍ଟ କରିଥିଲେ ସେଥିରେ ଉତେଜନା ବା ବିଦ୍ୱେଷ ସୃଷ୍ଟିକାରୀ କୌଣସି ସଂକେତ ନଥିଲା । ବରଂ ଏହି କବିତାରେ ପରୋକ୍ଷରେ ଶାନ୍ତି ପାଇଁ ବାର୍ତା ଥିଲା । ଯାହାହେଉ ସୁପ୍ରିମ୍‌କୋର୍ଟ ଏହି ଘଟଣାରେ ହସ୍ତକ୍ଷେପ କରି ବାକ୍ ସ୍ୱାଧୀନତା ଦେଶର ସଭ୍ୟ ଓ ଗଣତାନ୍ତ୍ରିକ ସମାଜ ନିମନ୍ତେ କିପରି ଏକ ଅବିଚ୍ଛେଦ ଅଙ୍ଗ ତାହାକୁ ଭଲଭାବରେ ଦର୍ଶାଇ ଦେଇଛନ୍ତି । ସମ୍ବିଧାନର ବାକ୍ ସ୍ୱାଧୀନତାର ଅଧିକାର ସତ୍ୱେ ଯଦି କୌଣସି କ୍ଷମତାଶାଳୀ ନେତା ବା ଗୋଷ୍ଠି ଏପରି ମନ୍ତବ୍ୟ ଦ୍ୱାରା ସେମାନେ କ୍ଷତିଗ୍ରସ୍ତ ହୋଇଥିବା ଦାବି କରନ୍ତି, ତେବେ ପୋଲିସ୍ ସେହି ଚାପରେ ବାକ୍ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟକୁ ନବୁଝି ମନ୍ତବ୍ୟ ପ୍ରକାଶ କରିଥିବା ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତି । ପ୍ରତାପଗଡ଼ିଙ୍କ କ୍ଷେତ୍ରରେ ଓ କୁନାଲ୍ କାମ୍‌ରାଙ୍କ ପରି ରାଜନୈତିକ ବ୍ୟଙ୍ଗ ପ୍ରକାଶ କରୁଥିବା କଳାକାରଙ୍କ ବିରୋଧରେ ମଧ ପୋଲିସ୍ ସେହି ଆଭିମୁଖ୍ୟ ନେଉଛି । କିନ୍ତୁ ଏପରି ଆଭିମୁଖ୍ୟକୁ ସୁପ୍ରିମ୍‌କୋର୍ଟ ନାପସନ୍ଦ କରି ବାକ୍ ସ୍ୱାଧୀନତାର ପ୍ରକୃତ ଉଦ୍ଦେଶ୍ୟ ଓ ମୂଲ୍ୟକୁ ପୋଲିସ୍ ବୁଝିବା ପରେ କ୍ଷମତାଧିକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପଦକ୍ଷେପ ନିଅନ୍ତୁ । କାରଣ ବାକ୍ ସ୍ୱାଧୀନତା ଭାରତୀୟ ଗଣତନ୍ତ୍ରର ମୂଳମନ୍ତ୍ର ।

# ଗଣତାନ୍ତ୍ରିକ ପରମ୍ପରା କ୍ଷୁଣ୍ଣ ନହେଉ

ପଞ୍ଚାନନ କାନୁନଗୋ

ସମ୍ବିଧାନର ସଂଘୀୟ ବ୍ୟବସ୍ଥା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଯାହାକୁ ସଜାଡ଼ିବା ପାଇଁ ସମ୍ବିଧାନ ପ୍ରଣେତାମାନେ ବହୁ ସମୟ ନେଇଥିଲେ ଓ ସମ୍ବିଧାନ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇଥିଲା । ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଏକପକ୍ଷରେ କେନ୍ଦ୍ରୀୟ ଶାସନ ଓ ଅପରପକ୍ଷରେ ରାଜ୍ୟମାନଙ୍କର ଶାସନ ଭିନ୍ନଭିନ୍ନ ଭାବରେ ସମ୍ବିଧାନରେ ଉପସ୍ଥାପିତ ହୋଇଅଛି । ରାଜନୈତିକ କ୍ଷମତାର ବିକେନ୍ଦ୍ରୀକରଣ ଓ ଅର୍ଥନୈତିକ ବିକେନ୍ଦ୍ରୀକରଣ ସ୍ପଷ୍ଟ ଭାବେ ସମ୍ବିଧାନର ଧାରାମାନଙ୍କରେ ଚିହ୍ନି ହୋଇଛି । କେଉଁ କେଉଁ ବିଷୟରେ ରାଜ୍ୟମାନଙ୍କର କ୍ଷମତା ରହିବ ଓ କେଉଁ ବିଷୟରେ କେନ୍ଦ୍ରର କ୍ଷମତା ରହିବ ଏବଂ କେଉଁସିବୁ ବିଷୟରେ ଉଭୟଙ୍କର କ୍ଷମତା ରହିବ ସେ ସଂପର୍କରେ ସମ୍ବିଧାନରେ ତିନୋଟି ତାଲିକା ସୃଷ୍ଟି କରାଯାଇଥିଲା । ଗୋଟିଏ ତାଲିକା ୟୁନିଅନ୍ ଲିଷ୍ଟ, ଆଉ ଗୋଟିଏ ତାଲିକା ଷ୍ଟେଟ୍ ଲିଷ୍ଟ ଓ ଅନ୍ୟ ଏକ ତାଲିକା ଉଭୟ କେନ୍ଦ୍ର ଏବଂ ରାଜ୍ୟର ତାଲିକାଭୁକ୍ତ କରାଯାଇଥିଲା । ଏହି ତାଲିକା ଭିତ୍ତିରେ ରାଜ୍ୟ ଓ କେନ୍ଦ୍ର ତାଙ୍କର ନିଷ୍ପତ୍ତି ନେଉଥିଲେ । ପର୍ଯ୍ୟାୟକ୍ରମେ ଅନେକ ବିଷୟ ରାଜ୍ୟ ହାତରୁ ଯାଇ କେନ୍ଦ୍ର ହାତରେ ବା ଉଭୟ ତାଲିକାଭୁକ୍ତ ହୋଇ କେନ୍ଦ୍ର ହାତରେ ନ୍ୟସ୍ତ ହେବାରେ ଲାଗିଛି । ବସ୍ତୁତଃ ସମ୍ବିଧାନ ପ୍ରଣୟନ ଓ ତା'ର ପରବର୍ତ୍ତୀ କାଳରେ ରାଜ୍ୟମାନଙ୍କର ପାଖରେ ଥିବା ଅନେକ କ୍ଷମତା କେନ୍ଦ୍ରକୁ ହସ୍ତାନ୍ତର ହୋଇଯାଇଛି । ଫଳରେ ରାଜ୍ୟମାନଙ୍କର ଅନେକ କ୍ଷମତା ସଂକୁଚିତ ହୋଇଛି ଓ କେନ୍ଦ୍ରର କ୍ଷମତା ବିସ୍ତାରିତ ହୋଇଛି । ଅନ୍ୟ ଏକ ବିଶେଷ ଗୁଣ ଥିଲା କେନ୍ଦ୍ର ଓ ରାଜ୍ୟ ଉଭୟ ନିଜ ନିଜର କ୍ଷମତା ଅନୁସାରେ ଲୋକ ପ୍ରତିନିଧିମୂଳକ ଶାସନ ଜରିଆରେ ଆଇନ୍ ପ୍ରଣୟନ କରୁଥିଲେ । ତାହା ମଧ ସଂକୁଚିତ ହେଲା । ତଥାପି କେନ୍ଦ୍ର ସରକାର କେନ୍ଦ୍ରୀୟ ନିୟମ ପ୍ରଣୟନ ପାଇଁ ଲୋକସଭା ଓ ରାଜ୍ୟସଭା ଦୁଇଟି ଗୃହର ସମର୍ଥନରେ ଆଇନ୍ ପ୍ରଣୟନ କରିଚାଲିଛନ୍ତି ଓ ରାଜ୍ୟ ସରକାର ବିଧାନସଭା ଜରିଆରେ ରାଜ୍ୟ ପାଇଁ ଆଇନ୍ ପ୍ରଣୟନ କରୁଛନ୍ତି । ଉଭୟଙ୍କର ମର୍ଯ୍ୟାଦା ରକ୍ଷା କରିବା ପାଇଁ ବିଧିବିଧାନ ନିର୍ଣ୍ଣିତ ହୋଇଛି । କେନ୍ଦ୍ର ସରକାରଙ୍କ ବର୍ଣ୍ଣିତ ରୁଲ୍‌ସ ଆଣ୍ଡ ପ୍ରୋସିଡିୟର ଅନୁସାରେ କେନ୍ଦ୍ରୀୟ ଲୋକସଭା ଓ ରାଜ୍ୟସଭା ପରିଚାଳନା କରାଯାଇଥାଏ । ଉଭୟ ଗୃହର ମର୍ଯ୍ୟାଦା ରକ୍ଷା କରାଯାଇଥାଏ । ସେହିପରି ରାଜ୍ୟରେ ଥିବା ବିଧିବିଧାନ (ରୁଲ୍‌ସ ଆଣ୍ଡ ପ୍ରୋସିଡିୟର) ଅନୁସାରେ ରାଜ୍ୟ ବିଧାନସଭାଗୁଡ଼ିକର ପରିଚାଳନା କରିଥାନ୍ତି । ବିଧାନସଭା ହେଉ ବା ଲୋକସଭା ହେଉ, ଏହାର ମର୍ଯ୍ୟାଦା ରକ୍ଷା ପାଇଁ ବ୍ରିଟିଶ ପାର୍ଲିଆମେଣ୍ଟାରୀ ପଦ୍ଧତି ଅନୁସାରେ ଗୃହ ପରିଚାଳନା କରାଯାଇଥାଏ । ଏହିସବୁ ବିଧିବିଧାନ ମେଁ'ସ ପାର୍ଲିଆମେଣ୍ଟାରୀ ପ୍ରାକ୍ଟିସ୍‌କୁ ଦେଖିବାକୁ ପଡ଼ିଥାଏ । ରାଜ୍ୟ ବିଧାନସଭା ପାଇଁ ମଧ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ବିଧାନସଭା ହେଉ ବା ଲୋକସଭା ହେଉ ଏସବୁକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଏହି ବ୍ୟବସ୍ଥା ଭିତରେ ରହିଛି । ଦୁର୍ଭାଗ୍ୟର ବିଷୟ ଗତ ବର୍ଷମାନଙ୍କ ଭିତରେ ସ୍ୱାଧିନତା ପ୍ରାପ୍ତି ପରେ ଆମ ଲୋକସଭା, ରାଜ୍ୟସଭା ବା ଆମ ବିଧାନସଭାର ପରିଚାଳନାରେ ଏତେ ସଂଖ୍ୟକ ମର୍ଯ୍ୟାଦା ହାନିକର ଘଟଣାମାନ ଘଟି ଯାଇଛି ଯେ ତାହା ସମସ୍ତ ବିଚାରବନ୍ତ ଗଣତନ୍ତ୍ର ପ୍ରେମୀମାନଙ୍କୁ ବ୍ୟସ୍ତ ଓ ବିବ୍ରତ କରିଛି ।

ବିଧାନସଭାରେ ପ୍ରତିଦିନର କାର୍ଯ୍ୟକ୍ରମ (ରୁଲ୍‌ସ ଆଣ୍ଡ ବିଜିନେସ୍) ସ୍ପିକରଙ୍କ ଆହ୍ୱାନକ୍ରମେ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହୋଇଥାଏ । ସେଥିରେ ପ୍ରଶ୍ନ-ଉତ୍ତର କାଳ ନିର୍ଣ୍ଣିତ ହୋଇଥାଏ । ଏହାପରେ ବିଭିନ୍ନ ପ୍ରସଂଗକୁ ନେଇ ପ୍ରଶ୍ନ ଉତ୍ଥାପନ କରିବା ପାଇଁ ଜିରୋ ଆୱାର ବ୍ୟବସ୍ଥା ମଧ ଥାଏ । ଏହାପରେ ବିରୋଧୀ ଦଳ ରାଜ୍ୟରେ ଘଟୁଥିବା ଅନେକ ବିଶୃଙ୍ଖଳାକୁ ସାମ୍ନାକୁ ଆଣିବା ପାଇଁ ମୁଲତବୀ ପ୍ରସ୍ତାବ ମାନ ଦେଇଥାନ୍ତି । ଏହି ସମୟରେ ମଧ ସରକାରୀ ଦଳ ମୁଲତବୀ ପ୍ରସ୍ତାବ ଦେବାର ବ୍ୟବସ୍ଥା ରହିଛି । ପ୍ରଥମ ମୁଲତବୀ ପ୍ରସ୍ତାବ (ଆଡଜନ୍‌ମେଣ୍ଟ ମୋସନ୍) ଦୁଇଟି ଆଣିବାର ବିଧି ରହିଛି ଓ ସରକାରୀ ଦଳ ଦୁଇଟି କଲିଂ ଆଟେନ୍‌ସନ୍ ଆଣିବାର ନିର୍ଦ୍ଧାରିତ ହୋଇଥାଏ । ଏହି ସମୟକାଳଟି ବିରୋଧୀ ଦଳର ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ ସମୟ । ସରକାରଙ୍କ ଅପାରଗତା ବା ସରକାରୀ କଳର ଅସାମର୍ଥ୍ୟକୁ ପଦାରେ ପକାଇବା ପାଇଁ ବିରୋଧୀ ଦଳମାନେ ଏ ସମୟକୁ ବ୍ୟବହାର କରିଥାନ୍ତି । ଏତଦ୍‌ବ୍ୟତୀତ ବଜେଟ୍ ଆଲୋଚନା, ବଜେଟ୍‌ରେ ସଂପୃକ୍ତ ଥିବା ବିଭିନ୍ନ ବିଭାଗ ଉପରେ ବିସ୍ତୃତ ଆଲୋଚନା ଉଭୟ ସରକାରୀ ଓ ବିରୋଧୀ ଦଳ ସୁଯୋଗ ପାଇଥାନ୍ତି । ଅଧିକନ୍ତୁ ସରକାର ଚାହିଁଲେ ଅନେକ ଆଇନ୍ ପ୍ରଣୟନ ବା ଆଇନ୍ ସଂଶୋଧନ ପ୍ରସ୍ତାବମାନ ମଧ ଆଣିଥାନ୍ତି ଓ ଗୃହରେ ତାହା ଆଲୋଚନା ହୋଇଥାଏ । ଏବେ ଦେଖାଯାଉଛି ବିରୋଧୀ ଦଳ ତା'ର ସମସ୍ତ ସୁଯୋଗ ହାତଛଡ଼ା କରୁଛି । ସରକାରୀ ଦଳ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଗୃହର ମତାମତ ଉପରେ ଆଧାରିତ ନିଷ୍ପତ୍ତି ନନେଇ ନିଜର ସଂଖ୍ୟା ଗରିଷ୍ଠତା ଓ ବିଧିବିଧାନ ଭିତରେ ଥିବା ଗଳାବାଟ ଗିଲୋଟନ୍ ଜରିଆରେ କରାଇ ନେଉଛି । ଏଥିପାଇଁ ଉଭୟ ସରକାରୀ ଓ ବିରୋଧୀ ଦଳମାନେ ଦାୟୀ । ଉଭୟ ନିଜ ନିଜର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସାବ୍ୟସ୍ତ କରିବା ପରିବର୍ତ୍ତେ ବଡ଼ ହାଲୁକା ଭାବରେ ଗୃହର କାର୍ଯ୍ୟ ଚଳାଇ ରଖୁଛନ୍ତି । ଅନେକ ସମୟରେ ବିରୋଧୀ ଦଳର ଗଣ୍ଡଗୋଳ ହେତୁ ପ୍ରଶ୍ନକାଳ ମଧ ହାତଛଡ଼ା ହେଉଛି । ଏସବୁ ମିଶାମିଶି ଭାବେ ଦେଖିଲେ ବିଧାନସଭାର କାର୍ଯ୍ୟକାଳ ଯେତେ ଦୀର୍ଘ ହେଉନା କାହିଁକି, କାର୍ଯ୍ୟ କରିବାର ତରିକାରେ ବିଶୃଙ୍ଖଳିତ ଆଚରଣ ପାଇଁ ବିଧାନସଭାରେ ଥିବା ଦାୟିତ୍ୱ ଓ କର୍ତ୍ତବ୍ୟ ଉଭୟ ବିରୋଧୀ ଓ ସରକାରୀ ଦଳ ହରାଇ ବସୁଛନ୍ତି । ବିଧାନସଭାରେ ଅଯଥା ବିରୋଧୀ ଦଳ ଯେ ଗୋଳମାଳ କରୁଛି ସେକଥା କୁହାଯାଇନପାରେ । କାରଣ ଏଥିସହିତ ସରକାରୀ ଦଳର ଯେଉଁ ପ୍ରମୁଖ ଦାୟିତ୍ୱ ଗୃହକୁ ପରିଚାଳନା କରିବା କଥା ତାହା ମଧ ହାତଛଡ଼ା ହେଉଛି ।

ଏହି ଅଳ୍ପଦିନ ତଳେ ଓଡ଼ିଶା ବିଧାନସଭାରେ ମହିଳାମାନଙ୍କ ପ୍ରତି ହେଉଥିବା ବିଭିନ୍ନ ଦୃଷ୍ଟାନ୍ତମୂଳକ ଅପରାଧ ପ୍ରସଂଗ ଉଠାଇ ବିରୋଧୀ ଦଳ ଏହା ଉପରେ ଏକ ହାଉସ୍ କମିଟି ଗଠନ କରିବାର ଦାବି କରି ବସିଲା । ସରକାର ଏଥିରେ ରାଜି ହୋଇଯାଇଥିଲେ କିଛି ପ୍ରଳୟ ଅଶୁଦ୍ଧି ହୋଇନଥାନ୍ତା । କାହିଁକି ନା ପ୍ରତିବର୍ଷ ରାଜ୍ୟ ବିଧାନସଭାରେ ଆଗତ ହେଉଥିବା ଗୃହ ବିଭାଗର ଶ୍ୱେତପତ୍ର ପ୍ରମାଣ କରୁଛି ଯେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବଢ଼ିବଢ଼ି ଚାଲିଛି । ଏହାର କାରଣ ଓ ନିରାକରଣ ପାଇଁ ଗୃହ କମିଟି ଜରିଆରେ ସମସ୍ତ ପ୍ରସ୍ତୁତି ହୋଇଥାଏ । ଏହା ସରକାରକୁ ମଧ ସହାୟକ ହୋଇଥାନ୍ତା । କୌଣସି କାରଣରୁ ସରକାର ଏଥିରେ ରାଜି ହେଲେ ନାହିଁ । ବିରୋଧୀ ଦଳ ବିଶେଷତଃ କଂଗ୍ରେସ ଦଳ ଏହି ଦାବି ନେଇ ଗୃହରେ ହୋ ହାଲ୍ଲା କଲେ । ଏପରିକି କିଛି ଅପ୍ରୀତିକର ଓ ଗୃହର ମର୍ଯ୍ୟାଦା ହାନିକାରକ ଘଟଣା ଦେଖିବାକୁ ମିଳିଲା । ବାଚସ୍ପତି ଆଉ ପାଦେ ଆଗକୁ ଯାଇ ବିଧାୟକମାନଙ୍କୁ ବରଖାସ୍ତ କଲେ । ସେମାନଙ୍କ ଅନୁପସ୍ଥିତିରେ ବିଧାନସଭା ଚଳାଇ ରଖିଲେ । ଏହା ମଧ ଉଭୟ ସରକାରୀ ଓ ବିରୋଧୀ ଦଳର ଗଣତାନ୍ତ୍ରିକ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି । ଏ ଗୋଟିଏ ମାତ୍ର ଉଦାହରଣ ଓଡ଼ିଶା ବିଧାନସଭାରେ ବର୍ତ୍ତମାନ ଆମେ ଦେଖିବାକୁ ପାଇଛୁ । ଏହିପରି ଶହଶହ ଉଦାହରଣ ସାରା ଭାରତବର୍ଷର ବିଧାନଭାରେ ଘଟିଚାଲିଛି । ଯାହାର ଯେଉଁଠି ଅଧିକ ବଳ ଅଛି ସେ ତାହା ପ୍ରୟୋଗ କରି ବିରୋଧୀ ଦଳକୁ ଗୃହରୁ ଅଲଗା କରି ଦେଉଛନ୍ତି ବା ବିରୋଧୀ ଦଳର ସଦସ୍ୟମାନଙ୍କୁ ନିଲମ୍ବନ କରୁଛନ୍ତି । କିଛିଦିନ ତଳେ କର୍ଣ୍ଣାଟକରେ ଶାସନ କରୁଥିବା କଂଗ୍ରେସ ବିଜେପିର ବିଧାୟକମାନଙ୍କୁ ନିଲମ୍ବନ କରିଥିବା ଦୃଷ୍ଟିକୁ ଆସିଥିଲା । ସେହିପରି ଦିଲ୍ଲୀରେ ଶାସନ କରୁଥିବା ବିଜେପି ଆପ୍‌ର ସଦସ୍ୟମାନଙ୍କୁ ନିଲମ୍ବନ କରିବା ଦେଖାଗଲା । ଏପରି ପରିସ୍ଥିତି ସୃଷ୍ଟି ହେଲା ଯେ ବିଧାୟକମାନଙ୍କର କ୍ଷମତା ଓ ମର୍ଯ୍ୟାଦାକୁ କ୍ଷୁଣ୍ଣ କଲାଭଳି ଆଚରଣ ପୋଲିସ ବିଭାଗର କର୍ମଚାରୀମାନେ ପ୍ରଦର୍ଶନ କଲେ । ସତେ ଯେପରି ଏମାନଙ୍କୁ ନିୟନ୍ତ୍ରଣ କରିବା ଦାୟିତ୍ୱ ବିଧାନସଭା ହାତରୁ ଏହି ପୋଲିସ ବିଭାଗର କର୍ମଚାରୀଙ୍କ ହାତକୁ ଦିଆଗଲା, ସେହିପରି ଅନୁଭବ ହେଲା । କୌଣସି ପରିସ୍ଥିତିରେ ବିଧାନସଭାର ଗୁରୁତ୍ୱ ସରକାରୀ କର୍ମଚାରୀଙ୍କ ପାଖରେ ନ୍ୟୁନ ହେବା ଠିକ୍ ନୁହେଁ । ଏପରି ଏକ ସମୟ ଆସିପାରେ ପୋଲିସକୁ ବ୍ୟବହାର କରି ବିଧାନସଭା ଓ ଲୋକସଭାର କାର୍ଯ୍ୟକୁ ନିୟନ୍ତ୍ରଣ କରାଯିବାର ଉଦ୍ୟମ କରାଯିବ ।

ଗୃହ ପରିଚାଳନାର ପ୍ରଥମ ଦାୟିତ୍ୱ ଗୃହର ପ୍ରମୁଖ ନେତା ବା ମୁଖ୍ୟମନ୍ତ୍ରୀଙ୍କ ଉପରେ ନ୍ୟସ୍ତ ଥାଏ । ଅଧିକନ୍ତୁ ବିଚାରପତି ଆସନରେ ବସିଥିବା ବ୍ୟକ୍ତି ବାଚସ୍ପତି ମଧ ତାଙ୍କର ରୁଲିଂ ବା ନିଷ୍ପତ୍ତି ଶୃଙ୍ଖଳିତ, ନ୍ୟାୟପୂର୍ଣ୍ଣ ଓ ସଂଯମତାର ସହିତ କରିବା ଆବଶ୍ୟକ । ଏସବୁର ବ୍ୟତିକ୍ରମ ହେଉଥିବା ମଧ ଅନେକ ସମୟରେ ଦେଖିବାକୁ ମିଳୁଛି । ବିଧାନସଭା ହେଉ ବା ଲୋକସଭା ହେଉ, ଏହାର ପରିଚାଳନା ପାଇଁ ବାରମ୍ବାର ବାଚସ୍ପତିମାନଙ୍କର ବୈଠକ ଡକାଯାଇ ସିଦ୍ଧାନ୍ତମାନ ନିଆଯାଇଛି । ତାହା କେବଳ କାଗଜ କଲମରେ ରହିଯାଇଛି ସିନା କୌଣସି ଭାବରେ କାର୍ଯ୍ୟକାରୀ ହେଉନାହିଁ । ଏପରି ଅବସ୍ଥା ଉଠିଲାଣି ଯେ ସାଧାରଣରେ ଦାବି ହେଉଛି 'କାମ ନାହିଁ ତ ଦରମା ନାହିଁ ।' ଏହା ଏକ ଲଜ୍ୟାଜନକ କଥା । ପ୍ରତିନିଧିମାନେ ଲୋକଙ୍କର, ଅଞ୍ଚଳର ସମସ୍ୟାକୁ ନେଇ ଗୃହକୁ ଆସିଥାନ୍ତି । ସେମାନେ ଯାହା କିଛି ଦରମା ପାଆନ୍ତୁ ନା କାହିଁକି, ସରକାରୀ କର୍ମଚାରୀ ନୁହନ୍ତି । କିନ୍ତୁ ଗୃହ ଭିତରେ ଦେଖାଯାଉଥିବା ବିଶୃଙ୍ଖଳିତ ଆଚରଣ ପାଇଁ ସେମାନଙ୍କୁ ସରକାରୀ କର୍ମଚାରୀ ସହ ତୁଳନା କରାଯାଉଛି । ଏହା ସବୁ ବିଧାୟକ ବା ଲୋକପ୍ରତିନିଧିଙ୍କ ପ୍ରତି ଅମର୍ଯ୍ୟାଦାକର ମନ୍ତବ୍ୟ । ଉଭୟ ସରକାରୀ ଓ ବିରୋଧୀ ଦଳ ନିଜ ନିଜର ଜିଦ୍ ଅପେକ୍ଷା ଲୋକଙ୍କ ସମସ୍ୟାକୁ ନେଇ ଆଲୋଚନା, ତର୍କ ଓ ବିତର୍କ କରିବାର ସମସ୍ତ ସୁଯୋଗ ଅନୁସାରେ କାର୍ଯ୍ୟ କଲେ ସେମାନଙ୍କ ମର୍ଯ୍ୟାଦା ନିଶ୍ଚୟ ବଢ଼ିବ ଓ କାର୍ଯ୍ୟକାଳରେ ଅଧିକ ସକରାତ୍ମକ ନିଷ୍ପତ୍ତିମାନ ସାଧାରଣଙ୍କ ଉପକାରରେ ଲାଗିବ । ବିଧାନସଭା ବା ଲୋକସଭାରେ, ରାଜ୍ୟସଭାରେ ଯେତେ ତର୍କ ବିତର୍କ, ଆଲୋଚନା, ପ୍ରଶ୍ନ-ଉତ୍ତର ହେବ ସେତେ ପରିମାଣରେ ସରକାରୀ କଳ ଅମଲାତାନ୍ତ୍ରିକ କବଳରୁ ମୁକ୍ତ ହେବା ପାଇଁ ବାଟ ପାଇବ । ନହେଲେ ସରକାରୀ ଦଳ ହେଉ ବା ସରକାର ହୁଅନ୍ତୁ ଏମାନେ ଅମଲାତାନ୍ତ୍ରିକ ବ୍ୟବସ୍ଥାର କବଳରେ ରହିଯିବେ । ନିଜର ସ୍ୱାଧୀନତା ଓ ସ୍ୱତନ୍ତ୍ର କାର୍ଯ୍ୟ କରିବାର ଶୈଳୀ ସଂକୁଚିତ ହୋଇଯିବ । ଏ ସମସ୍ତ କଥା ଆଜି ଦିନରେ ବିଚାର କରିବାର ଅଛି । ଆଶା ଓ ବିଶ୍ୱାସ ସବୁ ରାଜନୈତିକ ଦଳ ଓ ତାଙ୍କର ପ୍ରତିନିଧିମାନେ ଲୋକମାନଙ୍କର ଏବଂ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ନିଜ ନିଜର ଜିଦ୍ ?, ଅହଂକାର ପରିତ୍ୟାଗ୍ କରି ସହନଶୀଳତାର ସହିତ ଆଲୋଚନାରେ ଭାଗ ନେବାର ବ୍ୟବସ୍ଥା କରିବା ଉଚିତ ।

ମୋ: ୯୪୩୮୩୬୦୮୪୯

# କାମାକ୍ଷା ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ: ଜଣେ ମୃତ, ୧୫ ଆହତ

କଟକ : ବାଲେଶ୍ୱର ଜିଲା ବାହାନଗାର ଭୟାବହ ଟ୍ରେନ୍ ଦୁର୍ଘଟଣା ଲୋକେ ପାସୋରି ନ ଥିବାବେଳେ ପୁଣି ଓଡ଼ିଶାରେ ଘଟିଛି ଆଉଏକ ଟ୍ରେନ୍ ଦୁର୍ଘଟଣା। ବେଙ୍ଗାଲୁରୁରୁ କାମାକ୍ଷା ଅଭିମୁଖେ ଯାଉଥିବା କାମାକ୍ଷା ଏକ୍ସପ୍ରେସ୍ କଟକ ଜିଲା ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ଲାଇନ୍‌ଚ୍ୟୁତ ହୋଇଛି। ଟ୍ରେନ୍‌ର ୧୧ଟି ବଗି ଟ୍ରାକ୍‌ରୁ ବାହାରି ଯାଇଛି। ଏହି ଦୁର୍ଘଟଣାରେ ୧୬ ଜଣ ଗୁରୁତ୍ୱର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସେଠାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ଅଲ୍ଲିପୁରଦୋର ଅଞ୍ଚଳର ଶୁଭଙ୍କର ରାଏ(୨୩) ବୋଲି ଜଣାପଡିଛି। ସାମାନ୍ୟ ଆହତ ଯାତ୍ରୀମାନେ ନିଜ ସୁବିଧା ଅନୁସାରେ ଅନ୍ୟ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଯାତ୍ରୀମାନଙ୍କୁ ଗନ୍ତବ୍ୟ ସ୍ଥଳକୁ ପଠାଇବା ପାଇଁ ରେଲୱେ ପକ୍ଷରୁ ଏକ ସ୍ପେଶାଲ ଟ୍ରେନ୍ ବ୍ୟବସ୍ଥା କରାଯାଇଥିଲା। ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ଟ୍ରାକ୍ ମରାମତି କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଉକ୍ତ ରୁଟ୍ ?ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। କେତେକ ଟ୍ରେନ୍ ନରାଜ ଦେଇ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଏହି ରୁଟ୍‌ରେ ୨୪ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ପୂର୍ବତଟ ରେଳପଥ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, କାମାକ୍ଷା ଏକ୍ସପ୍ରେସ୍ କଟକ ଷ୍ଟେଶନ ଛାଡ଼ି ଭଦ୍ରକ ଆଡ଼କୁ ଯାଉଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୫୪ରେ ମଙ୍ଗୁଳି-ଚୌଦ୍ୱାର ଷ୍ଟେଶନ ନିକଟରେ ହଠାତ୍ ଟ୍ରେନ୍‌ଟି ଦୋହଲିବାକୁ ଲାଗିଲା। ବଗିରେ କମ୍ପନ ସୃଷ୍ଟି ହେବା ଯାତ୍ରୀମାନେ ଅନୁଭବ କରିଥିଲେ। ପରେ ପ୍ରଚଣ୍ଡ ଶବ୍ଦ କରି ଟ୍ରେନ୍‌ର ୧୧ଟି ବଗି ଟ୍ରାକ୍‌ରୁ ଖସିଗଲା। ଭୟରେ ସମସ୍ତଙ୍କ ଛାତି ଥରି ଉଠିଥିଲା। ସେମାନେ କିଛିକ୍ଷଣ ପାଇଁ ଏପଟସେପଟ ଝୁଙ୍କି ହୋଇ ବାଡ଼େଇ ହେବା ସହ ଚିତ୍କାର କରି ଉଠିଥିଲେ। ଟ୍ରେନ୍ ବଗି ଲାଇନ୍‌ଚ୍ୟୁତ ହୋଇଥିବା ଯାତ୍ରୀମାନେ ଜାଣିବା ପରେ ଜୀବନ ବିକଳରେ ନିଜ ଜିନିଷପତ୍ର ଧରି ବାହାରକୁ ଚାଲିଆସିଥିଲେ। ତେବେ ବଗି ଟ୍ରାକ୍‌ରୁ ଖସିବାବେଳେ ଯେଉଁ ଝଟ୍‌କା ଲାଗିଥିଲା, ସେଥିରେ କେତେଜଣ ଯାତ୍ରୀ ଆହତ ହୋଇଥିଲେ। ଦୁର୍ଘଟଣାରେ କେଉଁ ବଗି ଟ୍ରାକ୍‌ରୁ ବାହାରି ବଙ୍କେଇ ଯାଇଥିବାବେଳେ ଆଉ କେଉଁ ବଗି ଟ୍ରାକ୍‌ରେ ସେମିତି ଛିଡ଼ା ହୋଇ ରହିଥିଲା। ଟ୍ରେନ୍‌ର ଇଞ୍ଜିନ୍ ଓ ଏହାପାଖ ୭ଟି ବଗି ଟ୍ରାକ୍ ଉପରେ ଠିକ୍‌ଠାକ୍ ଥିବାବେଳେ ମଝିରୁ ଏସ୍-୭ଠାରୁ କ୍ରମାନ୍ୱୟରେ ୧୧ଟି ବଗି ଲାଇନଚ୍ୟୁତ ହୋଇଛି। ଟ୍ରେନ୍‌ର ପଛ ୪ଟି ବଗି ମଧ୍ୟ ଟ୍ରାକ୍ ଉପରେ ଠିକ୍‌ଠାକ୍ ରହିଥିବା



ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ପ୍ରଥମେ ଯାତ୍ରୀଙ୍କ ନିକଟରେ ପହଞ୍ଚିତ୍ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ଖବରପାଇ ରେଲୱେର ବହୁ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ, ଏନ୍‌ଡିଆରଏଫ୍, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ରେଲୱେ ଉଦ୍ଧାରକାରୀ ଟିମ୍, କଟକ, ଜଗତପୁର, ଚୌଦ୍ୱାର, ଟାଙ୍ଗୀ ଆଦି ଥାନାର ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଯାତ୍ରୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଟ୍ରେନ୍ ଦୁର୍ଘଟଣା ଯୋଗୁ ଦୀର୍ଘ ସମୟ ଧରି ଯାତ୍ରୀମାନେ ଷ୍ଟେଶନ ବାରଣ୍ଡାର ଡହ ଡହ ଖରାରେ ସମୟ ବିତାଇଥିଲେ। ବଡ଼ ଲୋକ ଏ କଷ୍ଟ ସମ୍ଭାଳି ନେଉଛୁ କିନ୍ତୁ ଆମ ସାଙ୍ଗରେ ଥିବା ଛୋଟ ପିଲା ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପାଣି ଟୋପେ ପାଇଲେନି, ହନ୍ତସନ୍ତ ହେଲେ ବୋଲି ଯାତ୍ରୀ ରାଜୀବ ଚୌରାଶିଆ କହିଛନ୍ତି। ଜିଲାପାଳ ସିନ୍ଦେ କହିଛନ୍ତି, କେହି ବ୍ୟସ୍ତ ବିବ୍ରତ ହୁଅନ୍ତୁନି, ଆହତମାନଙ୍କ ଚିକିତ୍ସା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଉଦ୍ଧାର କାର୍ଯ୍ୟ ପରେ ଇଞ୍ଜିନ୍ ସଂଲଗ୍ନ ୭ଟି ବଗିକୁ ସ୍ଥାନାନ୍ତର କରାଯାଇଛି। ତେବେ ଏକ ବଡ଼ ଧରଣର ଦୁର୍ଘଟଣା ଟଳି ଯାଉଥିବା ବେଳେ ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡିଛି। ଅପରପକ୍ଷରେ ଏସ୍‌ସିବି ମେଡିକାଲରେ୧୩ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଥିବାବେଳେ ୨ଜଣ ଆହତଙ୍କ ଚିକିତ୍ସା ଜାରି ରହିଥିବା ମେଡିକାଲର ଅତିରିକ୍ତ ଅଧୀକ୍ଷକ ପ୍ରଫେସର ଡା. ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏସ୍‌ସିବିରେ ଆହାତଙ୍କୁ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବିଧାୟକ ସୌଭିକ୍ ବିଶ୍ୱାଳ, ମେୟର ସୁବାସ ସିଂ ଓ ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକ ଭେଟି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଆହତଙ୍କୁ ଭେଟି ମେୟର ସୁବାସ ସିଂ ଭାଜପା ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ଏହା ଏକ ଦୁର୍ଭାଗ୍ୟ ଜନକ ଘଟଣା। ରେଳପଥ ସୁରକ୍ଷା ଦିନକୁ ଦିନ ଖରାପ ସ୍ଥିତିକୁ ଯାଉଛି। ଏନେଇ ସରକାର ଓ ମନ୍ତ୍ରୀ ସଜାଗ ହେବା ଆବଶ୍ୟକ। ବାହାନଗା ଟ୍ରେନ୍ ଦୁର୍ଘଟଣାର ଠିକ୍ ଭାବେ ତଦନ୍ତ ହୋଇ ନ ଥିବାବେଳେ ଏବେ ଏଭଳି ସ୍ଥିତି ସରକାରଙ୍କ ଆଭିମୁଖ୍ୟ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

# କଳାହାଣ୍ଡିରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ






ଭୁବନେଶ୍ୱର: ସତୁରି ଦଶକରୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ଼ ସମସ୍ୟା ହୋଇ ରହିଛି। ଆଜି ମଧ୍ୟ ଅନେକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ବି ନାହିଁ। ଏ ସମସ୍ୟାର ସମାଧାନ ହେବ ଏବଂ ସମସ୍ତ ଗରିବଙ୍କୁ ପକ୍କାଘର ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଞ୍ଚିବାକୁ ଆଶା ଓ ଭରସା ଯୋଗାଇଦେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ରେ ସମସ୍ତଙ୍କୁ ପକ୍କା ଘର ଯୋଗାଇଦେଇ ଏହି ସମସ୍ୟାର ସମାଧାନ ପାଇଁ ଘୋଷଣା କରିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ଆହୁରି ଜୋରଦାର କରାଯାଇ ଓଡ଼ିଶାରେ ଆମେ ଆରମ୍ଭ କରିଛୁ ଅନ୍ତ୍ୟୋଦୟ ଗୃହ ଯୋଜନା । ଏହାଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇ ପାରିବ।

ଆଜି ପ୍ରଥମ ଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଆଗାମୀ ୩ ବର୍ଷରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛ। ଚଳିତବର୍ଷ ଏହି ଯୋଜନା ପାଇଁ ୨,୬୦୦କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ୩ବର୍ଷରେ ଏଥିପାଇଁ ୭,୫୫୦କୋଟି ଟଙ୍କା ବିନିଯୋଗ କରାଯିବ।

ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ। ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ୍ ? ସଂଯୋଗ ଆଦି ଯୋଗାଇ ଦିଆଯିବ। ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ। କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ। ଏହାସହିତ କର୍କଟ, କୁଷ୍ଠ, କିଡ୍?ନୀ ରୋଗ, ଲିଭର ସିରୋସିସ, ଥାଲାସେମିଆ ଅଥବା ଏଚ୍ ?ଆଇଭି ପରି ଦୁରାବ୍ୟାଧିରେ ପୀଡ଼ିତ ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ?ମାନେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇପାରିବେ ।

ମୁଖ୍ୟମନ୍ତ୍ରୀ କହିଥିଲେ, ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ 'ପରିବାର' ଓ 'ପକ୍କାଘର'ର ସଂଜ୍ଞାକୁ ମଧ୍ୟ ସରଳ କରାଯାଇଛି। ଆଜବେଷ୍ଟସ୍ ?, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଣ୍ଟ ଯୋଡେଇ କାନ୍ଥ ସହିତ ଆର.ସି.ସି. ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି । ପରିବାରର ସଂଜ୍ଞାକୁ ମଧ୍ୟ ସରଳ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ମାତାପିତା ଓ ସନ୍ତାନଙ୍କୁ ବୁଝାଉଛି ବୋଲି ସେ କହିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହୋଇଥିବା ଅଗ୍ରଗତି ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଯୋଜନାରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷରୁ ଅଧିକ ଘର ନିର୍ମାଣ ହୋଇସାରିଥିବା ବେଳେ ୪ ଲକ୍ଷ ଘର ନିର୍ମାଣାଧୀନ ଅଛି । ଏହାସହିତ ଜାନୁଆରୀ ୨୪ ତାରିଖରୁ ସର୍ଭେ ଆରମ୍ଭ ହୋଇ ଏଥିରେ ଆହୁରି ୨୬ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଘର ଯୋଗାଇଦେବା ପାଇଁ ତାଲିକାଭୁକ୍ତ କରାଯାଇଛି। ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇବାର ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରୁଛନ୍ତି ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି ।

କଳାହାଣ୍ଡି ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲର କଂକ୍ରିଟ୍ ? ଲାଇନିଂ କାର୍ଯ୍ୟ ଖୁବ୍ ?ଶୀଘ୍ର ଶେଷ ହେବ। ଭବିଷ୍ୟତରେ ଆଉ ଯେପରି କେହି ଦାନ ମାଝୀ ପରି ଅବହେଳାର ଶିକାର ନ ହୁଅନ୍ତି, ସେଥିପାଇଁ ଆମ ସରକାର ୧୦୯ ଆମ୍ବୁଲାନ୍ସ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଆମ ସରକାର ହେଉଛି ଲୋକଙ୍କ ସରକାର। ଆଗାମୀ ଦିନରେ ସରକାର ଯିବେ ଲୋକଙ୍କ ପାଖକୁ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଭବାନୀପାଟଣାରେ ହେବ ଓ ସମ୍ବଲପୁରରେ ମଧ୍ୟ ହେବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲାରେ ୬୧୭.୫୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

# ମସ୍କଙ୍କ ବିରୋଧରେ ବିଦ୍ରୋହ: ଟେସ୍‌ଲା ସୋ'ରୁମ୍ ସାମ୍ନାରେ ବିକ୍ଷୋଭ



ନୂଆଦିଲ୍ଲୀ: ଆମେରିକାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସରକାରରେ ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କଙ୍କ ପ୍ରଭାବକୁ ନେଇ ଦେଶବାସୀଙ୍କ ମଧ୍ୟରେ ଥିବା ଅସନ୍ତୋଷ ଏକ ବଡ଼ ଆନ୍ଦୋଳନର ରୂପ ନେଇଛି। ପ୍ରଥମ ଥର ପାଇଁ ମସ୍କଙ୍କୁ ବିରୋଧ କରି ହଜାର ହଜାର ଲୋକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ମସ୍କଙ୍କ କମ୍ପାନି ଟେସ୍‌ଲାର ସୋ'ରୁମ୍‌ଗୁଡ଼ିକୁ ବିକ୍ଷୋଭକାରୀମାନେ ଟାର୍ଗେଟ୍ କରିବା ଭଙ୍ଗାରୁଜା କରିଛନ୍ତି। କେବଳ ଆମେରିକା ନୁହେଁ, ୟୁରୋପ ଓ କାନାଡାରେ ମଧ୍ୟ ଆନ୍ଦୋଳନ ହୋଇଛି। ଅତ୍ୟନ୍ତ ସଂଗଠିତ ଢଙ୍ଗରେ ବିକ୍ଷୋଭକାରୀମାନେ ବହୁ ସଂଖ୍ୟାରେ ବିଭିନ୍ନ ସ୍ଥାନରେ ଏକତ୍ରୀତ ହୋଇ ଆନ୍ଦୋଳନକୁ ବଡ଼ ରୂପ ଦେଇଛନ୍ତି, ଯାହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ମସ୍କଙ୍କୁ ସେମାନେ ନାଜି ବୋଲି କହିବା ସହ ସେ ଦେଶକୁ ଫାସୀବାଦ ଆଡ଼କୁ ନେଉଥିବା ଅଭିଯୋଗ କରିଛନ୍ତି। ସରକାରୀ ଦକ୍ଷତା ବିଭାଗ (ଡିଓଜିଇ)ର ମୁଖ୍ୟ ଭାବେ ମସ୍କ କର୍ମଚାରୀ ଛଟେଇ, ବଜେଟ୍ କାଟ ଭଳି ନେଉଥିବା କଠୋର ନିଷ୍ପତ୍ତିକୁ ଲୋକମାନେ ବିରୋଧ କରୁଛନ୍ତି।

'ଟେସ୍‌ଲା ଜଳାଅ, ଗଣତନ୍ତ୍ର ବଞ୍ଚାଅ' ଲେଖାଥିବା ପ୍ଲାକାର୍ଡ ବିକ୍ଷୋଭକାରୀମାନେ ଧରିଥିବା ଦେଖିବାକୁ ମିଳିଛି। ଆମେରିକାର ବିଭିନ୍ନ ସ୍ଥାନ ଯଥା ୱାସିଂଟନ, ସିନ୍‌ସିନାଟି, ଚିକାଗୋ, ଇଣ୍ଡିଆନାପୋଲିସ, ଭର୍ଜିନିଆ, ପେନ୍‌ସିଲ୍‌ଭାନିଆ, କଲ୍‌ରାଡୋ ଓ ସିଆଟଲ୍‌ରେ ମସ୍କ ବିରୋଧୀ ବିକ୍ଷୋଭ ହୋଇଛି। ଆନ୍ଦୋଳନକାରୀମାନେ ମସ୍କଙ୍କ ବିରୋଧରେ ସାରା ବିଶ୍ୱରେ ୫୦୦ ବିକ୍ଷୋଭ କରିବାକୁ ଯୋଜନା ରଖିଛନ୍ତି। ସେଥିରୁ ୨୦୦ ବିକ୍ଷୋଭ ଆମେରିକାରେ ହେବ। ତେବେ ଟେସ୍‌ଲା ବିରୋଧରେ ଏଭଳି ଆନ୍ଦୋଳନକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଡ଼ା ନିନ୍ଦା କରିଛନ୍ତି। ବିକ୍ଷୋଭକାରୀମାନଙ୍କୁ 'ଆତଙ୍କବାଦୀ' ଭାବେ ଅଭିହିତ କରି ସେମାନଙ୍କୁ ଏଲ୍ ସାଲ୍‌ଭାଡୋର ଜେଲ୍ ପଠାଇବାକୁ ସେ ଧମକ ଦେଇଥିବା କୁହାଯାଉଛି। ଖୋଦ୍ ମସ୍କ ଏହି ବିଦ୍ରୋହ ଉପରେ ମତ ଦେଇଛନ୍ତି। ସେ ନିଜ ସୋସିଆଲ୍ ମିଡିଆ କମ୍ପାନି 'ଏକ୍ସ' (ପୂର୍ବରୁ ଟ୍ୱିଟର)ରେ ଲେଖିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଲୋକମାନେ ଟେସ୍‌ଲା ଷ୍ଟୋର୍ ଉପରକୁ ଗୁଳି ମାଡ଼ କରୁଛନ୍ତି, କାର୍ ଭଙ୍ଗାରୁଜା କରୁଛନ୍ତି ଓ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହି ମୋତେ ନାଜି ବୋଲି କହୁଛନ୍ତି। କିନ୍ତୁ ମୁଁ କେବେବି କୌଣସି ହିଂସା କରିନାହିଁ ବୋଲି ସେ କହିଛନ୍ତି।

# ଟ୍ରମ୍ପଙ୍କ ୨୫% ଶୁଳ୍କ ପ୍ରଭାବ: ଭାରତର ୩୧ ବିଲିଅନ୍ ଡଲାର ରପ୍ତାନି କମିବ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବା ନେଇ ପୂର୍ବରୁ ଘୋଷଣା କରିସାରିଛନ୍ତି। ଏପ୍ରିଲ



୨ ତାରିଖରୁ ଏହାକୁ କାର୍ଯ୍ୟକାରୀ କରାଯିବ। ଟ୍ରମ୍ପ ପାଲଟା ଶୁଳ୍କ ଘୋଷଣା କରିବା ପରଠାରୁ ବିଶ୍ୱ ବାଣିଜ୍ୟକୁ ନେଇ ଅନିଶ୍ଚିତତା ଲାଗି ରହିଛି।

ଏଭଳି ସ୍ଥିତିରେ ଏମ୍‌କେ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଆକଳନ କରାଯାଇଛି ଯେ ଯଦି ପାଲଟା ଶୁଳ୍କକୁ ୧୦ ପ୍ରତିଶତରେ ଧାର୍ଯ୍ୟ କରାଯାଏ ତାହେଲେ ଭାରତର ରପ୍ତାନି ୬ ବିଲିଅନ ଡଲାର (ମୋଟ ଜିଡିପିର ୦.୬ ପ୍ରତିଶତ) କମିଯିବ। ଯଦି ଆମେରିକା ୨୫ ପ୍ରତିଶତ ଶୁଳ୍କ ଲାଗୁକରେ ତାହେଲେ ଏହାର ପ୍ରଭାବରେ ଭାରତର ୩୧ ବିଲିଅନ ଡଲାର ମୂଲ୍ୟର ରପ୍ତାନି ବାଧାପ୍ରାପ୍ତ ହେବ।


ଯଦିଓ ପାଲଟା ଶୁଳ୍କକୁ ଆମେରିକା କିଭଳି କାର୍ଯ୍ୟକାରୀ କରିବ ତାହା ଅସ୍ପଷ୍ଟ ରହିଛି ତଥାପି ଭାରତ ଉପରେ ଏହାର ବଡ଼ଧରଣର ପ୍ରଭାବ ପଡ଼ିବ ବୋଲି ଆଶଙ୍କା କରାଯାଇଛି। ଆମେରିକା ଭାରତର ଏକ ବଡ଼ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର। ଆମେରିକାର ପାଲଟା ଶୁଳ୍କ ଲାଗୁ ହେବା ପରେ ଭାରତର ପୋଷାକ, ମୂଲ୍ୟବାନ ପ୍ରସ୍ତର ଏବଂ ଗହଣା ଆଦି ଶିଳ୍ପ ଅଧିକ ମାତ୍ରାରେ କ୍ଷତି ସହିବ।

ଏଥିସହିତ ସଂପୂର୍ଣ୍ଣ ଭାବେ ଆସେମ୍ବଲ ହୋଇଥିବା ଗାଡ଼ି ଉପରେ ଏପ୍ରିଲ ୩ରୁ ଆମେରିକା ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ କରିବ। ସେହିଭଳି ଅଟୋମୋବାଇଲ ଉପକରଣ ଉପରେ ମେ ୩ ରୁ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ ହେବ। ମିଳିଥିବା ସୂଚନା ଅନୁଯାୟୀ, ଭାରତୀୟ ଅଟୋମୋବାଇଲ ଉପକରଣ ଶିଳ୍ପ ଉପରେ ଆମେରିକା ଶୁଳ୍କ ଲାଗୁ କଲେ ଏହାର ପ୍ରଭାବ କେତେ ରହିବ ତାହାର ଆକଳନ ଆରମ୍ଭ ହୋଇଯାଇଛି। ସରକାର ଏ ସଂପର୍କରେ ଅଟୋ ଉପକରଣ ଶିଳ୍ପଠାରୁ ତଥ୍ୟ ସଂଗ୍ରହ କରିବା ଆରମ୍ଭ କରିଦେଇଛନ୍ତି। ଆମେରିକାକୁ ଭାରତ ପାଖାପାଖି ୬.୭୯ ବିଲିଅନ ଡଲାର ମୂଲ୍ୟ କାର ଉପକରଣ ରପ୍ତାନି କରିଥ?ାଏ। ତେଣୁ ଏହା ଉପରେ ବଡ଼ଧରଣର ପ୍ରଭାବ ପଡ଼ିବ। ନିକଟରେ ଭାରତ ଏବଂ ଆମେରିକା ମଧ୍ୟରେ ହୋଇଥିବା ଆଲୋଚନାରେ ନୂଆଦିଲ୍ଲୀ ଅନେକ ଆମେରିକୀୟ ଆମଦାନୀ ଉପରେ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଛି। ଏହାହେଲେ ପରିସ୍ଥିତିରେ କିଛି ପରିବର୍ତ୍ତନ ହୋଇପାରେ।

# ଏପ୍ରିଲ ପହିଲାରୁ ନୂଆ ଆର୍ଥିକବର୍ଷ ଆରମ୍ଭ

ନୂଆଦିଲ୍ଲୀ: ୨୦୨୪-୨୫ ଆର୍ଥିକବର୍ଷ ସୋମବାର ଶେଷ ହେବ। ଏପ୍ରିଲ ପହିଲାରୁ ନୂଆ ଆର୍ଥିକବର୍ଷ ଆରମ୍ଭ ହେବ। ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ଦିନରେ ଆୟକର ଠାରୁ ଆରମ୍ଭ କରି ଜିଏସ୍‌ଟି, କ୍ରେଡିଟ୍ କାର୍ଡ, ୟୁପିଆଇ ନିୟମ ସମେତ ବ୍ୟାଙ୍କ ଖାତାରେ ସର୍ବନିମ୍ନ ଜମାରାଶି ପାଇଁ ରହିଥିବା ନିୟମ ଆଦି ବଦଳିଯିବ। ଟିକସଦାତାଙ୍କ ସମେତ ନାଗରିକମାନେ ଏହାଦ୍ୱାରା ପ୍ରଭାବିତ ହେବେ।

ଆୟକର: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତବର୍ଷ ଫେବ୍ରୁଆରି ୧ରେ ସଂସଦରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବଜେଟ୍ ଆଗତ କରିବା ସମୟରେ ଆୟକର ନିୟମ ପରିବର୍ତ୍ତନ ଘୋଷଣା କରିଛନ୍ତି। ଏଥିଯୋଗୁ ନୂଆ ଟିକସ ସ୍ଲାବ୍ ଏବଂ ହାର କାର୍ଯ୍ୟକାରୀ ହେବ। ନୂଆ ନିୟମ ଅନୁଯାୟୀ, ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ। ବେତନଭୋଗୀଙ୍କୁ ମଧ୍ୟ ୭୫ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍ସନ ମିଳିବ। ତେଣୁ ନୂଆ ଟିକସ ବ୍ୟବସ୍ଥାରେ ବେତନଭୋଗୀମାନଙ୍କୁ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ




ଦେବାକୁ ପଡ଼ିବ ନାହିଁ।

ୟୁପିଆଇ: ୟୁନାଇଟେଡ ପେମେଣ୍ଟ୍‌ସ ଇଣ୍ଟରଫେସ୍ (ୟୁପିଆଇ)ର ସୁରକ୍ଷାକୁ ବଢ଼ାଇବା ପାଇଁ ନ୍ୟାସନାଲ ପେମେଣ୍ଟ୍‌ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) କେତେକ ନୂଆ ନିୟମ ଆସନ୍ତା ପହିଲାରୁ ଲାଗୁ କରିବ। ଏହାଦ୍ୱାରା ନିଷ୍କ୍ରିୟ ମୋବାଇଲ ଫୋନ ନମ୍ବରରୁ ୟୁପିଆଇ କରାଯାଇ ପାରିବ ନାହିଁ। ୟୁପିଆଇ ସହ ସଂଯୋଜିତ ହୋଇଥିବା ନିଷ୍କ୍ରିୟ ନମ୍ବରଗୁଡ଼ିକୁ ବାଦ୍ ଦେବା ପାଇଁ ଏନ୍‌ପିସିଆଇ ପକ୍ଷରୁ ବ୍ୟାଙ୍କ ସମେତ ଫୋନପେ, ଗୁଗଲ୍‌ପେ ଆଦି ସଂସ୍ଥାକୁ କୁହାଯାଇଛି।

କ୍ରେଡିଟ୍ କାର୍ଡ: କେତେକ କାର୍ଡଧାରୀଙ୍କ ପାଇଁ କ୍ରେଡିଟ୍ କାର୍ଡ ନିୟମ ପରିବର୍ତ୍ତନ ହୋଇଯିବ। ରିୱାର୍ଡ ପଏଣ୍ଟ ଢାଞ୍ଚା ଦୃଷ୍ଟିରୁ ଏହି ପରିବର୍ତ୍ତନ ହେବ।

ୟୁପିଏସ୍: ୨୦୨୪ ଅଗଷ୍ଟରେ ସରକାର ୟୁପିଏସ୍ (ୟୁନିଫାଏଡ୍ ପେନସନ୍ ସ୍କିମ୍) ଘୋଷଣା କରିଥିଲେ। ଆସନ୍ତା ଏପ୍ରିଲ ପହିଲାରୁ ପୁରୁଣା ପେନସନ୍ ସ୍କିମ୍ (ଓପିଏସ୍) ବଦଳରେ ୟୁପିଏସ୍ କାର୍ଯ୍ୟକାରୀ ହେବ। ଏହାର ପ୍ରଭାବ ପ୍ରାୟ ୨୩ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଉପରେ ପଡ଼ିବ। ଏହି ନିୟମ ଅନୁଯାୟୀ, ଅତିକମ୍‌ରେ ୨୫ ବର୍ଷ ଚାକିରି କରିଥିବା କର୍ମଚାରୀମାନେ ସେମାନଙ୍କ ଶେଷ ୧୨ ମାସ ହାରାହାରି ମୂଳ ବେତନର ୫୦% ପେନସନ୍ ପାଇବେ।

ଜିଏସ୍‌ଟି: ଏପ୍ରିଲ ପହିଲାରୁ ଜିଏସ୍‌ଟି ନିୟମ ବଦଳିଯିବ। ଜିଏସ୍‌ଟି ପୋର୍ଟାଲରେ ମଲ୍ଟି ଫ୍ୟାକ୍ଟର ଅଥେଣ୍ଟିକେସନ୍ (ଏମ୍‌ଏଫ୍‌ଏ)କୁ ଟିକସଦାତାଙ୍କ ପାଇଁ ବାଧ୍ୟତାମୂଳକ କରାଯିବ। ଉତ୍ତମ ସୁରକ୍ଷା ବ୍ୟବସ୍ଥା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସେହିଭଳି ୧୮୦ ଦିନରୁ ପୁରୁଣା ହୋଇ ନଥିବା ମୂଳ ଦସ୍ତାବିଜ୍ ପାଇଁ ଇ-ୱେବିଲ୍ ସୃଷ୍ଟି କରାଯାଇ ପାରିବ।

ବ୍ୟାଙ୍କ ଖାତାରେ ସର୍ବନିମ୍ନ ଜମା: ଏପ୍ରିଲ ପହିଲାରୁ କେତେକ ବ୍ୟାଙ୍କ ସେମାନଙ୍କ ଗ୍ରାହକଙ୍କ ପାଇଁ ନୂଆ ସର୍ବନିମ୍ନ ଜମା ନିୟମ କାର୍ଯ୍ୟକାରୀ କରିବେ। ସର୍ବନିମ୍ନ ଜମାରାଶି ଯେଉଁମାନଙ୍କ ଖାତାରେ ନଥିବ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ।

# ୧୧ ମାସରେ ବ୍ୟାଙ୍କ ଦେଇଛନ୍ତି ୧୫.୩ ଲକ୍ଷ କୋଟି ଋଣ

ନୂଆଦିଲ୍ଲୀ: ଚଳିତ ଆର୍ଥିକବର୍ଷର ପ୍ରଥମ ୧୧ ମାସରେ ଭାରତୀୟ ବ୍ୟାଙ୍କଗୁଡ଼ିକ ୧୫.୩ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଏହାଦ୍ୱାରା ସେମାନଙ୍କ ମୋଟ ଋଣ ପ୍ରଦାନ ପରିମାଣ ୧୭୫.୫୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗତ ୧୧ ମାସରେ ଏଥିରେ ୯.୩




ପ୍ରତିଶତ ବୃଦ୍ଧି ଘଟିଛି। ୧୫.୩ ଲକ୍ଷ କୋଟି ଟଙ୍କାର ନୂଆ ଋଣ ପ୍ରଦାନରେ ବ୍ୟକ୍ତିଗତ ଋଣର ଅଂଶ ସର୍ବାଧିକ ଅର୍ଥାତ୍ ୫.୪୭ ଲକ୍ଷ କୋଟି ଟଙ୍କା ବା ୩୫.୭୧ ପ୍ରତିଶତ ରହିଛି। ସେବା କ୍ଷେତ୍ରର ଋଣ ପ୍ରଦାନ ରାଶି ୪.୬୪ ଲକ୍ଷ କୋଟି ଟଙ୍କା ବା ୩୦.୩ ପ୍ରତିଶତ ରହିଛି।

ବ୍ୟକ୍ତିଗତ ଋଣ ମଧ୍ୟରେ ଗୃହ ଋଣରେ ୨.୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ଦେଖାଦେଇଛି। ଅର୍ଥାତ୍ ମୋଟ ନୂଆ ଋଣରେ ଏହା ପ୍ରାୟ ୧୭ ପ୍ରତିଶତ। କିନ୍ତୁ ଶିଳ୍ପ କ୍ଷେତ୍ରକୁ ନୂଆ ଋଣ ପ୍ରଦାନ ୨.୨୨ ଲକ୍ଷ କୋଟି ଟଙ୍କା ରହିଛି, ଅର୍ଥାତ୍ ମୋଟ ନୂଆ ଋଣ ପ୍ରଦାନରେ ଶିଳ୍ପ କ୍ଷେତ୍ରର ଅଂଶ ୧୪.୫୧ ପ୍ରତିଶତ। କୃଷି କ୍ଷେତ୍ରର ଋଣ ୧.୯୩ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ନୂଆ ଋଣରେ ଏହାର ଅଂଶ ୧୨.୫୯ ପ୍ରତିଶତ। ବୃହତ୍ ଶିଳ୍ପକୁ ନୂଆ ଋଣ ପ୍ରଦାନ ମନ୍ଥର ହୋଇ ୧.୧୫ ଲକ୍ଷ କୋଟି ଟଙ୍କାରେ ରହିଛି। ସେବା କ୍ଷେତ୍ର ମଧ୍ୟରେ ବାଣିଜ୍ୟ ଏବଂ କମର୍ସିଆଲ ରିଅଲ ଇଷ୍ଟେଟ୍‌କୁ ସବୁଠୁ ଅଧିକ ଋଣ ମିଳିଛି। ତେବେ ହାଉସିଂ ଫାଇନାନ୍ସ କମ୍ପାନିଗୁଡ଼ିକର ଋଣ ୧୦୫୧ କୋଟି ଟଙ୍କା କମିଥିବାବେଳେ ସରକାରୀ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ଋଣ ୯୩୬୯ କୋଟି ଟଙ୍କା କମିଛି।

# କୋଇଲାରୁ ୭୯% ବିଦ୍ୟୁତ୍ ଉତ୍ପାଦନ



ନୂଆଦିଲ୍ଲୀ: ଦେଶରେ ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ଉପରେ ନିର୍ଭରଶୀଳତା ବଢୁଛି। ୨୦୨୩-୨୪ ଆର୍ଥିକବର୍ଷରେ ଏହା ୭୯ ପ୍ରତିଶତକୁ ବଢ଼ି ୧୬,୯୦୬ ପେଟାଜୁଲ୍‌ସରେ ପହଞ୍ଚିଛି ବୋଲି ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଭାରତରେ ଶକ୍ତି ପରିସଂଖ୍ୟାନ ୨୦୨୫ ରିପୋର୍ଟରୁ ଏହା ଜଣାଯାଇଛି। ଦେଶରେ ୨୦୧୪-୧୫ ବର୍ଷଠାରୁ ମୋଟ ଶକ୍ତି ଉତ୍ପାଦନରେ କୋଇଲାର ଅଂଶ ସର୍ବଦା ୭୦ ପ୍ରତିଶତରୁ ଅଧିକ ରହିଆସିଛି। କୋଇଲା ଉତ୍ପାଦନ ମଧ୍ୟ ୨୦୨୨-୨୩ ବର୍ଷରେ ୧୨ ପ୍ରତିଶତ ବୃଦ୍ଧି ଘଟିଛି। ରିପୋର୍ଟରୁ ଏହା ମଧ୍ୟ ଜଣାଯାଇଛି ଯେ ଦେଶରେ ମୋଟ ପ୍ରାଥମିକ ବିଦ୍ୟୁତ୍ ଯୋଗାଣ ୨୦୨୩-୨୪ରେ ୭.୮ ପ୍ରତିଶତ ବୃଦ୍ଧି ପାଇ ୯୦୩୧୫୮ କିଲୋଟନ୍ ତୈଳ ସମତୁଲରେ ପହଞ୍ଚିଛି। ବିଗତ ବର୍ଷଗୁଡ଼ିକ ମଧ୍ୟରେ ଭାରତରେ ମୁଣ୍ଡପିଛା ବିଜୁଳି ଖର୍ଚ୍ଚ ୨୦୧୪-୧୫ରେ ୧୪୬୮୨ ମେଗା ଜୁଲ୍ ରହିଥିବାବେଳେ ୨୦୨୩-୨୪ରେ ଏହା ୧୮୪୧୦ ମେଗା ଜୁଲ୍‌କୁ ବୃଦ୍ଧି ପାଇଛି, ଅର୍ଥାତ୍ ବାର୍ଷିକ ୨.୫୫ ପ୍ରତିଶତ ହାରରେ ଏହା ବଢ଼ିଛି।

# ସରକାର ଆଣିବେ ନୂଆ ଡାଟା ନୀତି

ଭୁବନେଶ୍ୱର: ରାଜ୍ୟ ସରକାର ଏକ ନୂଆ ରାଜ୍ୟ ଡାଟା ନୀତି ଆଣିବା ଯୋଜନା ରଖିଛନ୍ତି। ଲୋକସେବା ଭବନରେ ଡାଟା ପଲିସି ଆଣ୍ଡ୍ ? ଇନୋଭେସନ୍ ସେଣ୍ଟର (ଡିପିଆଇସି) ଓ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସ ?ହଯୋଗିତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ମୁଖ୍ୟ ସଚିବ ମନୋଜ ଆହୁଜା ଏହି ସୂଚନା ଦେଇଛନ୍ତି। ଶ୍ରୀ ଆହୁଜା କହିଛନ୍ତି ଯେ ନୂଆ ନୀତି ଓଡ଼ିଶାକୁ ପ୍ରମାଣ ଆଧାରିତ ନିଷ୍ପତ୍ତି ନେବାରେ ସହାୟକ ହେବ। ରାଜ୍ୟରେ ଏକ ବ୍ୟାପକ ଡାଟା ବ୍ୟବସ୍ଥା ବିକାଶ କରିବା ଉପରେ ମଧ୍ୟ ସରକାର କାର୍ଯ୍ୟ କରୁଥିବା ସେ ସୂଚନା ଦେଇଛନ୍ତି। ଏହା ଦ୍ୱାରା ସରକାରୀ ବିଭାଗ ଓ ନୀତି ନିର୍ଦ୍ଧାରକମାନେ ଡାଟାକୁ ବ୍ୟବହାର କରି ସଶକ୍ତ ହୋଇପାରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ କହିଛନ୍ତି ଯେ ପ୍ରଶାସନିକ କାର୍ଯ୍ୟରେ ପ୍ରମାଣ ଭିତ୍ତିକ ନିଷ୍ପତ୍ତି ଲାଗି ଡିପିଆଇସି ଜରିଆରେ ଡାଟା ବିଜ୍ଞାନ ଟୁଲ୍ ? ଓ ଉନ୍ନତ ଗବେଷଣା ପଦ୍ଧତି ବ୍ୟବହାର କରିବା ଲାଗି ଉଦ୍ୟମ କରାଯାଉଛି।




# ଓଡ଼ିଶା ଶ୍ରେଷ୍ଠ ଆର୍ଥିକ ପ୍ରଦର୍ଶନକାରୀ

ଭୁବନେଶ୍ୱର: ଆର୍ଥିକ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକର ଏକ ତାଲିକା ଜାରି ହୋଇଛି। ଶ୍ରେଷ୍ଠ ଚାରିଟି ରାଜ୍ୟ ଭିତରେ ଓଡ଼ିଶା ରହିଛି। ଗୁଜରାଟ, କର୍ଣ୍ଣାଟକ ଓ ମହାରାଷ୍ଟ୍ର ସହିତ ଓଡ଼ିଶା 'ଆଉଟ୍‌ପରଫର୍ମର' (ଶ୍ରେଷ୍ଠ ପ୍ରଦର୍ଶନକାରୀ) ବର୍ଗରେ ରହିଛି। ୧୫ଟି ରାଜ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିବା ଏହି ରିପୋର୍ଟକୁ କେୟାରଏଜ୍ ରେଟିଂସ୍ ପକ୍ଷରୁ ଜାରି କରାଯାଇଛି। ରାଜ୍ୟଗୁଡ଼ିକୁ ତିନିଟି ବର୍ଗ ଯଥା ଆଉଟ୍‌ପର୍‌ଫର୍ମର, ହାଇ ପର୍‌ଫର୍ମର୍ (ଉଚ୍ଚ ପ୍ରଦର୍ଶନକାରୀ) ଓ ମଡରେଟ୍ ପର୍‌ଫର୍ମର୍ (ମଧ୍ୟମ ପ୍ରଦର୍ଶନକାରୀ) ବର୍ଗରେ ରଖାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ରାଜସ୍ୱରେ ଏହି ରାଜ୍ୟଗୁଡ଼ିକ ଆତ୍ମନିର୍ଭରଶୀଳ। ସେମାନଙ୍କ ରାଜସ୍ୱ ଆୟର ୬୦-୮୦ ପ୍ରତିଶତ ହେଉଛି ରାଜ୍ୟ ନିଜସ୍ୱ ଟିକସ। ଏହି ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ନିମ୍ନ ସ୍ତରରେ ରହିଥିବାରୁ, ବିକାଶମୂଳକ କାର୍ଯ୍ୟରେ ଅଧିକ ଖର୍ଚ୍ଚ କରିବା ଲାଗି ସେମାନେ ଭଲ ସ୍ଥିତିରେ ରହିଛନ୍ତି। ଋଣ ସ୍ତର ମଧ୍ୟ କମ୍ ରହିଛି। ଉପରୋକ୍ତ ରାଜ୍ୟଗୁଡ଼ିକର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)କୁ ଋଣ ଅନୁପାତ ୧୬-୨୭ ପ୍ରତିଶତ ମଧ୍ୟରେ ରହିଛି। ଯଦିଓ ଟିକସ ରାଜସ୍ୱ ବଢୁଛି, କିନ୍ତୁ ଏହି ରାଜ୍ୟଗୁଡ଼ିକୁ ପୁଞ୍ଜି ବ୍ୟୟ ଲକ୍ଷ୍ୟ ହାସଲ କରିବା ପାଇଁ ଭିତ୍ତିଭୂମି ପ୍ରକଳ୍ପରେ ଖର୍ଚ୍ଚ ବଢ଼ାଇବାର ଆବଶ୍ୟକତା ଥିବା ରିପୋର୍ଟରେ କୁହାଯାଇଛି। ଦେଶର ପ୍ରମୁଖ ୧୫ଟି ରାଜ୍ୟ ସମ୍ପର୍କରେ ରିପୋର୍ଟରେ କୁହାଯାଇଛି ଯେ ଏହି ରାଜ୍ୟଗୁଡ଼ିକ ୭.୫ ଲକ୍ଷ କୋଟି ଟଙ୍କା ବ୍ୟୟ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିରୁ ସେମାନେ ମାତ୍ର ୪୮ ପ୍ରତିଶତ ବ୍ୟୟ କରିଛନ୍ତି। ତେଣୁ ମାର୍ଚ୍ଚ ମାସରେ ସେମାନଙ୍କୁ ଆହୁରି ଅଧାରୁ ଅଧିକ ବ୍ୟୟ କରିବାର ଚାପ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ସେମାନେ ୩.୫୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଥିଲେ ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪ ପ୍ରତିଶତ କମ୍। ଗତବର୍ଷ ନିର୍ବାଚନ ହେବାରୁ ଏଭଳି ସ୍ଥିତି ଦେଖାଦେଇଥିବା ଅନୁମାନ କରାଯାଉଛି।




# ପୁଣି ମହଙ୍ଗା ହେଲା ସୁନା: ୯୦ ହଜାର ଟପିଲା

ମୁମ୍ବାଇ: ସପ୍ତାହର ଶେଷ ବ୍ୟବସାୟ ଦିନ ଶୁକ୍ରବାର ଭାରତୀୟ ଷ୍ଟକ ବଜାରରେ ହ୍ରାସ ପରିଲକ୍ଷିତ ହେଉଛି। ବଜାରର ମୁଖ୍ୟ ସୂଚକାଙ୍କ ସେନସେକ୍ସ ପ୍ରାୟ ୧୫୦ ପଏଣ୍ଟ ହ୍ରାସ ପାଇ



୭୭,୪୪୬.୯୭ରେ କାରବାର କରୁଛି, ଯାହାର ପ୍ରଭାବ ସୁନା ମୂଲ୍ୟ ଉପରେ ଦେଖାଯାଉଛି। ଆଜି ଅର୍ଥାତ୍ ? ୨୮ ମାର୍ଚ୍ଚରେ ସୁନାର ମୂଲ୍ୟ ବୃଦ୍ଧି ପାଇଛି। ୨୪ କ୍ୟାରେଟ ୧୦ ଗ୍ରାମ ସୁନା ୮୯,୮୫୦ ଟଙ୍କାରେ କାରବାର ହେଉଛି। ସେହି ସମୟରେ, ୨୨ କ୍ୟାରେଟ ୧୦ ଗ୍ରାମ ସୁନାର ମୂଲ୍ୟ ୮୨,୩୬୦ ଟଙ୍କା। ଦେଶର ରାଜଧାନୀ ଦିଲ୍ଲୀରେ ସୁନା ମୂଲ୍ୟରେ ବୃଦ୍ଧି ଘଟିଛି। ସୁନା ମୂଲ୍ୟ ୯୦ ହଜାର ଅତିକ୍ରମ କରିଛି। ରାଜଧାନୀରେ ୨୪ କ୍ୟାରେଟ ୧୦ ଗ୍ରାମ ସୁନାର ମୂଲ୍ୟ ୯୦,୦୦୦ ଟଙ୍କାରେ ପହଞ୍ଚିଛି। ସେହି ସମୟରେ ୧୦ ଗ୍ରାମ ୨୨ କ୍ୟାରେଟ ସୁନା ୮୨,୫୧୦ ଟଙ୍କାରେ ଉପଲବ୍ଧ ହେଉଛି।

ମୁମ୍ବାଇରେ ମଧ୍ୟ ସୁନା ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହେଉଛି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ, ୧୦ ଗ୍ରାମ ୨୨ କ୍ୟାରେଟ ସୁନା ୮୯,୮୫୦ ଟଙ୍କାରେ କାରବାର ହେଉଛି। ସେହି ସମୟରେ, ୨୨ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ୮୨,୩୬୦ରେ କାରବାର ହେଉଛି।

# ଆଇସିଏଫଏଆଇ ଇନ୍‌କ୍ୟୁବେଟର୍-ଟି ହବ୍ ବୁଝାମଣା

ହାଇଦ୍ରାବାଦ: ଆଇସିଏଫ୍‌ଏଆଇ ଇନ୍‌କ୍ୟୁବେଟର୍ ଓ ଟି ହବ୍ ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଇସିଏଫ୍‌ଏଆଇ ଫାଉଣ୍ଡେସନ୍ ଫର୍ ହାୟର୍ ଏଜୁକେସନ୍‌ର କୁଳପତି ଡ. ଏଲ୍ ଏସ୍ ଗଣେଶ ଓ ଟି-ହବ୍‌ର ସିଆଇଓ ସୁଜିତ ଜାଗିରଦାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଡ. ଗଣେଶ କହିଛନ୍ତି ଯେ ଛାତ୍ରଛାତ୍ରୀ ଓ ଗବେଷଣାମାନେ ଯେଭଳି ନିଜ ଚିନ୍ତାଧାରାକୁ ଏକ ସ୍ଥାୟୀ ବ୍ୟବସାୟରେ ପରିଣତ କରିପାରିବେ, ସେଥିପାଇଁ ପରିବେଶ ସୃଷ୍ଟି କରିବାରେ ଆଇସିଏଫ୍‌ଏଆଇର ବିଶ୍ୱାସ ରହିଛି।

ଏହି ସହଯୋଗିତା ଆଇସିଏଫ୍‌ଏଆଇର ଦେଶବ୍ୟାପୀ ଉପସ୍ଥିତି ଏବଂ ଉଦ୍ୟମିତା କ୍ଷେତ୍ରରେ ଟି-ହବ୍‌ର ଅଭିଜ୍ଞତାକୁ ବ୍ୟବହାର କରି ନବସୃଜନ, ଷ୍ଟାର୍ଟଅପ୍ ଓ ଉଦ୍ୟମିତାକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଟି-ହବ୍‌ର ସିଆଇଓ ଶ୍ରୀ ଜାଗିରଦାର କହିଛନ୍ତି ଯେ ଷ୍ଟାର୍ଟଅପ୍‌କୁ ସମୃଦ୍ଧ କରିବାରେ ଟି-ହବ୍ ଅଗ୍ରଣୀ ରହିଛି ଏବଂ ଆଇସିଏଫ୍‌ଏଆଇ ସହିତ ଏମ୍‌ଓୟୁ ନବସୃଜନକୁ ଆହୁରି ସୁଦୃଢ଼ କରିବ। ଶିକ୍ଷାଗତ ଗବେଷଣା ଓ ଷ୍ଟାର୍ଟଅପ୍ ଇନ୍‌କ୍ୟୁବେସନ୍ ମଧ୍ୟରେ ରହିଥିବା ଅନ୍ତର ଦୂର କରି ଆମେ ଭବିଷ୍ୟତ ଲାଗି ପ୍ରସ୍ତୁତ ଉଦ୍ୟୋଗୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ସେ କହିଛନ୍ତି।




# ନିଶାନ ବି-ଏମ୍‌ପିଭିର ଅନାବରଣ

ନୂଆଦିଲ୍ଲୀ: ନିଶାନ ମୋଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବି-ଏମ୍‌ପିଭିର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହି ନୂଆ ୭ ସିଟର 'ବି-ଏମ୍‌ପିଭି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଜାପାନର ୟୋକୋହାମାଠାରେ ଉଦ୍‌ଯାପିତ ଗ୍ଲୋବାଲ ପ୍ରଡକ୍ଟ ଶୋ'କେସ୍ ଇଭେଣ୍ଟରେ କମ୍ପାନୀ ଭାରତ ପାଇଁ ନିର୍ମିତ ଦୁଇଟି ନୂତନ ଉପତ୍‌ାଦକୁ ପ୍ରଦର୍ଶିତ କରିଥିଲା। ଏଠାରେ ପ୍ରଥମ ଥର ପାଇଁ ନୂଆ ୭-ସିଟର ବି-ଏମ୍‌ପିଭି (ମଲ୍ଟି-ପର୍‌ପୋଜ ଭେଇକିଲ)ର ବିଶ୍ୱସ୍ତରୀୟ ଉନ୍ମୋଚନ ସହ ନିଶାନ ଏହାର ଯୋଜନାବଦ୍ଧ ଉତ୍ପାଦ ଲଞ୍ଚ ଆରମ୍ଭ କରିଛି। ଏହି ନୂଆ ଉତ୍ପାଦକୁ ୨୦୨୫ ଆର୍ଥିକ ବର୍ଷରେ କମ୍ପାନୀର ଭାରତ ଉତ୍ପାଦ ପୋର୍ଟଫୋଲିଓର ନୂଆ ଅଂଶ ଭାବେ ଲଞ୍ଚ କରାଯିବ। ସେହିପରି ୨୦୨୬ରେ ପୂର୍ବରୁ ଘୋଷଣା କରାଯାଇଥିବା ଏକ ୫ ସିଟର ସି-ଏସ୍‌ୟୁଭି (କମ୍ପାକ୍ଟ ସ୍ପୋର୍ଟସ ୟୁଟିଲିଟି ଭେଇକିଲ) ମଧ୍ୟ ଲଞ୍ଚ କରାଯିବ। କମ୍ପାନୀ ଆଜି ଭାରତୀୟ ଗ୍ରାହକଙ୍କ ପାଇଁ ଏହି ଦୁଇଟି ନୂତନ ଉତ୍ପାଦର ଟିଜର ଶେୟାର କରିଛି, ଯାହା ଉଭୟ ଗାଡ଼ିର ଲଞ୍ଚ ସମୟକୁ ନିଶ୍ଚିତ କରୁଛି। ନିଶାନ ମୋଟର ଇଣ୍ଡିଆ ବି/ସି ଓ ଡି-ଏସ୍‌ୟୁଭି ସେଗ୍‌ମେଣ୍ଟରେ ଭାରତୀୟ ଗ୍ରାହକଙ୍କ ପାଇଁ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ୪ଟି ନୂତନ ଉତ୍ପାଦର ବଜାର ପ୍ରବେଶ କରାଇବା ପାଇଁ ଟ୍ରାକ୍‌ରେ ରହିଛି। ଆଉ ଏକ ଆଇକୋନିକ ନିଶାନ ଏସ୍‌ୟୁଭିରୁ ପ୍ରେରିତ ହୋଇଥିବା ନୂଆ ସି-ଏସ୍‌ୟୁଭି ନିଶାନ ପାଟ୍ରୋଲଠାରୁ ଏହାର ଡିଜାଇନ ପ୍ରେରଣା ହାସଲ କରିଛି। ଏହି ସି-ଏସ୍‌ୟୁଭି ପ୍ରକୃତ ନିଶାନ ଏସ୍‌ୟୁଭି ଡିଏନଏ ଏବଂ ସମାନ ନିର୍ଭରଯୋଗ୍ୟତା, ପ୍ରିମିୟମ କାରିଗରୀ ଓ ଟେକ୍ନୋଲୋଜି ପ୍ରଦାନ କରିବ ଯାହା ପାଇଁ ନିଶାନ ବିଶ୍ୱବ୍ୟାପୀ ଲୋକପ୍ରିୟ। ଅନ୍ୟପକ୍ଷରେ ନିଶାନ ୭-ସିଟର ବି-ଏମ୍‌ପିଭି ନିଜର କ୍ରୟକୁ ସର୍ବାଧିକ କରିବାକୁ ଚାହୁଁଥିବା ମୂଲ୍ୟ ସଚେତନ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ, ଗୁଣବତ୍ତା ଓ ଆରାମ ପ୍ରଦାନ କରିବ। ନିଶାନ ବି-ଏମପିଭି ମସ୍କୁଲାର ଷ୍ଟାଇଲିଂ ପ୍ରଦାନ କରିବ ଯାହା ନିଶାନର ଭିନ୍ନ ଡିଜାଇନ ଦର୍ଶନ ପାଇଁ ସ୍ୱତନ୍ତ୍ର।




# ରୟାଲ୍ ଏନ୍‌ଫିଲ୍ଡର କ୍ଲାସିକ୍ ୬୫୦



ଭୁବନେଶ୍ୱର: ରୟାଲ୍ ଏନ୍‌ଫିଲ୍ଡ ପକ୍ଷରୁ ନୂଆ କ୍ଲାସିକ୍ ୬୫୦କୁ ରାଜଧାନୀର ବିଭିନ୍ନ ଡିଲର୍‌ସିପ୍‌ରେ ଉନ୍ମୋଚନ କରାଯାଇଛି। ୧୯୪୮ ଲଣ୍ଡନ୍ ମୋଟରସାଇକଲ୍ ସୋ'ରେ ଉନ୍ମୋଚନ କରାଯାଇଥିବା କମ୍ପାନିର ପ୍ରଥମ ସମାନ୍ତରାଳ ଟ୍ୱିନ୍ '୫୦୦ ଟ୍ୱିନ୍'ରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଥିବା ଏହି ମୋଟରସାଇକଲ୍‌ରେ କମ୍ପାନିର ମୂଳ ଡିଏନ୍‌ଏ ରହିଛି। ଏହା ହେଉଛି ପାରମ୍ପରିକ ସୌନ୍ଦର୍ଯ୍ୟ ଓ ଆଧୁନିକ ଶକ୍ତିର ଏକ ଚମତ୍କାର ମିଶ୍ରଣ। ଏହାର ଏକ୍ସ ସୋ'ରୁମ୍ ଦାମ୍ ୩,୩୬,୬୧୦ ଟଙ୍କା ରହିଛି। ଗ୍ରାହକମାନେ ଉଭୟ ଅନ୍‌ଲାଇନ୍ ଓ ସୋ'ରୁମ୍‌ରେ ଏହାର ବୁକିଂ କରିପାରିବେ। ଏହା ଜରିଆରେ କମ୍ପାନିର କ୍ଲାସିକ୍ ମୋଟରସାଇକଲ୍ ବର୍ଗମାଳା ଆହୁରି ସୁଦୃଢ଼ ହୋଇଛି, ଯେଉଁଥିରେ କ୍ଲାସିକ୍ ୫୦୦, ୨୦୨୪ କ୍ଲାସିକ୍ ୩୫୦ ଓ କ୍ଲାସିକ୍ ୬୫୦ ରହିଛି। ଭାଲମ୍ ରେଡ୍, ବ୍ରୋଣ୍ଟିଂଥ୍ରୋପ୍ ବ୍ଲୁ, ଟିଲ୍ ଓ ବ୍ଲାକ୍ କ୍ରୋମ୍ ଭଳି ଚାରିଟି ରଙ୍ଗ ଓ ତିନିଟି ଭାରିଆଣ୍ଟରେ ଏହା ଉପଲବ୍ଧ ହୋଇଛି। ନୂଆ ମୋଟରସାଇକଲ୍‌ରେ ଏଲ୍ ?ଇଡି ହେଡ୍‌ଲ୍ୟାମ୍ପ, ପାଇଲଟ୍ ଲାଇଟ୍, ଏଲ୍‌ଇଡି ଟର୍ଣ୍ଣ ଇଣ୍ଡିକେଟର, ଆଡ୍‌ଜଷ୍ଟ କରିହେଉଥିବା କ୍ଲଚ୍ ଓ ବ୍ରେକ୍, ୟୁଏସ୍‌ବି ଚାର୍ଜିଂ ପୋର୍ଟ, ଗିୟର ସ୍ଥିତି ସୂଚକ ଆଦି ଅତ୍ୟାଧୁନିକ ସୁବିଧା ରହିଛି।

## ଟିପିସିଓଡିଏଲ୍‌ର ନୂତନ ଫିଡର ଉଦ୍‌ଘାଟିତ



ଭୁବନେଶ୍ୱର : ଟି ପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ନୂତନ ଫିଡରକୁ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ ସହ ଜନସାଧାରଣଙ୍କ ପାଇଁ ଉକ୍ତ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟିପିସିଓଡିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଉପଭୋକ୍ତଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଭୁବନେଶ୍ୱରର ଉତ୍ତରା ଛକଠାରେ ନବନିର୍ମିତ ୩୩ କେଭି ସିଉଳା ଫିଡରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ସେହିଭଳି ଉତ୍ତରା ଆରଆଇ ଛକଠାରୁ ସିଉଳା ପର୍ଯ୍ୟନ୍ତ ନୂତନ ଫିଡର କାର୍ଯ୍ୟକ୍ଷମ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ୬ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉନ୍ନତ ବିଦ୍ୟୁତ୍ ସେବା ପାଇପାରିବେ। ଏହା ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ଗୋଟିଏ ଭୂତଳ ଫିଡର ଥିଲା। ଏହା ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ହେଉଥିଲା। କୌଣସି କାରଣରୁ ଏଥିରେ ତ୍ରୁଟି ଉପୁଜିଲେ ମରାମତି ପାଇଁ ଅଧିକ ସମୟ ଲାଗୁଥିଲା। ନୂତନ ଫିଡର କାର୍ଯ୍ୟକ୍ଷମ ହେବା ଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ମରାମତିକରି ପୁନଃ ସେବା ଯୋଗାଇ ଦିଆଯାଇପାରିବ। ସେହିପରି ଏହି ଫିଡର କାର୍ଯ୍ୟକ୍ଷମ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଭୋଲଟ୍ଟେଜ୍ ସମସ୍ୟାର ସମାଧାନ ହୋଇପାରିଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗକରି ଏହି ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ କରାଯାଇଥିବାରୁ ବିଧାୟକ ଆଶ୍ରିତ ପଟ୍ଟନାୟକ ଖୁସି ପ୍ରକାଶ କରିଛନ୍ତି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ୍ ସମ୍ବନ୍ଧୀୟ ଅସୁବିଧା ଦୂରହେବ ବୋଲି ବିଧାୟକ ପଟ୍ଟନାୟକ କହିଛନ୍ତି। ଲୋକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍‌ର ପ୍ରୟାସଙ୍କୁ ସେ ପ୍ରଶଂସା କରିଛନ୍ତି। ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଏହି ଭିତ୍ତିଭୂମି ବିକାଶ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବର୍ଷ ବର୍ଷ ଧରି ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇଛି।

## ୟୁକୋ ବ୍ୟାଙ୍କର ସ୍ୱତନ୍ତ୍ର ମହୋତ୍ସବ



ଭୁବନେଶ୍ୱର ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ମହୋତ୍ସବ କୁମା କନ୍‌ଭେନ୍‌ଶନ, ବରୁଣେଇ ରୋଡ୍ ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହା ବ୍ୟାଙ୍କର କୃଷି, ଏମ୍ଏସ୍ଏମ୍ଇ ଏବଂ କାସା କାର୍ନିଭାଲ ଗ୍ରାହକଙ୍କ ଆବଶ୍ୟକତା ଓ ବ୍ୟାଙ୍କର କାରବାର ବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜନ କରାଯାଇଥିଲା। ଏହି କାର୍ଣ୍ଣିଭାଲରେ ଏମ୍ଏସ୍ଏମ୍ଇ, କୃଷି, ବିଶିଷ୍ଟ ଗ୍ରାହକ ବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠି ଏବଂ ବ୍ୟାଙ୍କ ମିତ୍ରମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍ଏଲ୍‌ବିସି ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, କୋଲକାତା ମୁଖ୍ୟ କାର୍ଯ୍ୟାଳୟର ରିକଭରି ଡିପାର୍ଟମେଣ୍ଟର ମହାପ୍ରବନ୍ଧକ ଅଙ୍କିତ ରାଣା, ବରୁଣେଇ ଇଣ୍ଡଷ୍ଟ୍ରିଆଲ ଆସୋସିଏସନ୍‌ର ସଭାପତି ଶିବ ନାରାୟଣ ମିଶ୍ର ଏବଂ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ତଥା ଉପ ମହାପ୍ରବନ୍ଧକ ଚିନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମହାପ୍ରବନ୍ଧକ ପାତ୍ର ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କର ଅଭିବୃଦ୍ଧି ଓ ପ୍ରତିଶୃତି, ଏମ୍ଏସ୍ଏମ୍ଇ, କୃଷି ଏବଂ ସମ୍ବଳ କ୍ଷେତ୍ରରେ ଉପଲବ୍ଧ ସୁଯୋଗ ଉପରେ ବିଶେଷ ଆଲୋକପାତ କରିଥିଲେ। ସେହିଭଳି ରାଣା ୟୁକୋ ବ୍ୟାଙ୍କ ସହିତ ଗ୍ରାହକମାନଙ୍କର ଦୀର୍ଘ ସମୟର ସହଯୋଗୀତା ପାଇଁ କୃତଜ୍ଞତା ଜଣାଇବା ସହିତ ଭବିଷ୍ୟତରେ ବ୍ୟାଙ୍କରେ ଉତ୍ତମ ଗ୍ରାହକସେବାର ପ୍ରତିଶୃତି ଦେଇଥିଲେ। ବରୁଣେଇ ଇଣ୍ଡଷ୍ଟ୍ରିଆଲ ଆସୋସିଏସନ୍‌ର ଅଧ୍ୟକ୍ଷ ମିଶ୍ର ବ୍ୟାଙ୍କିଙ୍ଗ୍ ସେବା କିପରି ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଯଥେଷ୍ଟ ଅଭିବୃଦ୍ଧିରେ ସହାୟତା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ନୂତନ ଉପତ୍ାଦ ଯଥା ୟୁକୋ ୟୁନିକ୍, ୟୁକୋ ରୟାଲ, ୟୁକୋ ପ୍ରିଭିଲେଜ୍, ପିଙ୍କ ବାସ୍କେଟ, ୟୁକୋ ଅପରାଜିତା, ୟୁକୋ ଜୟଲକ୍ଷ୍ମୀ, ୟୁକୋ ସଞ୍ଚୟିକା ବିଷୟରେ ବିଶେଷ ଆଲୋଚନା କରାଯିବା ସହିତ ୟୁକୋ ଫାର୍ମା ଗ୍ରୋଥ, ନାରୀ ସମ୍ମାନ ଓ ଯୁବ ଶକ୍ତି ଇତ୍ୟାଦି ବ୍ୟାଙ୍କର ନୂତନ ଉପତ୍ାଦ ବିଷୟରେ ସୂଚନା ଦିଆଯାଇଥିଲା। ଏହି ଅବସରରେ କୃଷି, ଏମ୍ଏସ୍ଏମ୍ଇର ଗ୍ରାହକମାନଙ୍କୁ ଋଣ ଅନୁମୋଦନ ପତ୍ର ବଣ୍ଟନ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟାଙ୍କ ମିତ୍ରମାନଙ୍କୁ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଶେଷରେ ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ କ୍ରୀଷ୍ଣ ପାଲ ସିଂହ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଶାଖା ଲୋକାର୍ପିତ




ଅନୁଗୋଳ : ଅନୁଗୋଳ ଛେଣ୍ଡିପଦା ଓ ଢେଙ୍କାନାଳ ଜିଲ୍ଲାସ୍ଥିତ ରାସୋଳ ଠାରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ୨ଟି ନୂତନ ଶାଖା ଲୋକାର୍ପିତ ହୋଇଯାଇଛି। ବ୍ୟାଙ୍କର କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ହିମାଦ୍ରୀ ଶେଖର ଦାଶ ଏହି ନୂତନ ଶାଖାଗୁଡିକର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ଶାଖାର ଶାଖା ପ୍ରବନ୍ଧକ ହିମାଂଶୁ ଶେଖର ସେଠ ଓ ରାସୋଳ ଶାଖାର ଶାଖା ପ୍ରବନ୍ଧକ ବନବିହାରୀ ଶତପଥୀ ଉପସ୍ଥିତ ରହିବା ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଦେବାଶିଷ ସାହୁ, ଲକ୍ଷ୍ମୀକାନ୍ତ ବେହେରା, ସୁପ୍ରତିମ ଶାହା, ସୁମନ୍ତ କୁମାର ପଟେଲ ଏବଂ ସୁଜୟ ଟିଗା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ଶାଖାଗୁଡିକ କାର୍ଯ୍ୟାଳୟରେ ଗ୍ରାହକଙ୍କୁ ଅଧିକ ସୁବିଧା ସୁଯୋଗ ଉପଲବ୍ଧ କରାଯାଇପାରିବ ବୋଲି ଶ୍ରୀ ଦାଶ କହିଥିଲେ।

## ଓମ୍‌ଫେଡ୍‌ର ୨୮ତମ ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର: ଓମ୍‌ଫେଡ୍‌ର ୨୮ତମ ସାଧାରଣ ପରିଷଦ ବୈଠକ ଭୁବନେଶ୍ୱର ଶହୀଦନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓମଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ସୁନୀତା ବରାଳ ଏବଂ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସାଧାରଣ ପରିଷଦ ସଭାପତି ଓ ସଦସ୍ୟ ଯୋଗଦେଇଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ମାଇ ବାଛୁରୀ ପାଳନ ଯୋଜନାକୁ ସ୍ୱାଗତ କରାଯାଇଥିଲା। ଏଥିସହ ଚାଷୀଙ୍କଠାରୁ ଗୁଣାତ୍ମକ ଦୁଗ୍ଧ ସଂଗ୍ରହ ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା। ଏବେ ଦୈନିକ ୫ ଲକ୍ଷ ୪୦ ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଛି। ମାତ୍ର ଆସନ୍ତା ବର୍ଷକୁ ଏହି ପରିମାଣ ୬ରୁ ୭ ଲକ୍ଷ ଲିଟରକୁ ବୃଦ୍ଧି କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗୁଣାତ୍ମକ ଦୁଗ୍ଧ ସଂଗ୍ରହ ପାଇଁ ଅତ୍ୟାଧୁନିକ ଟେଷ୍ଟିଂ ମେଶିନ ରାଜ୍ୟ ସରକାର ପ୍ରତ୍ୟେକ ସୋସାଇଟିକୁ ଯୋଗାଇଦେବାକୁ ପରିଷଦ ସଦସ୍ୟମାନେ ଅନୁରୋଧ କରିଛନ୍ତି। ଏଥିସହ ଚାଷୀମାନଙ୍କଠାରୁ ସଂଗ୍ରହ ହେଉଥିବା ଦୁଗ୍ଧ ଦାମ ୪ରୁ ୫ଟଙ୍କା ବୃଦ୍ଧି କରିବା ପାଇଁ ସେମାନେ ଦାବି କରିଥିଲେ। ଏପିରିକି ସମସ୍ତ ଚାଷୀଙ୍କୁ ସବୁ ସମୟରେ ଲିଟର ପିଛା ୫ ଟଙ୍କା ଲେଖାଏ ଇନ୍‌ସେଣ୍ଟିଭ୍ ଦେବାକୁ କହିଥିଲେ। ସେହିପରି ଓମ୍‌ଫେଡ୍ ଉତ୍ପାଦକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ ବଜାର ବିସ୍ତାର କରିବାକୁ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟରେ ଏବେ ୧୧ଟି ଦୁଗ୍ଧ ସମବାୟ ସଂଘ ରହିଛି। ସେମାନଙ୍କର ନିଜସ୍ୱ ଘର ନାହିଁ। ଏଣୁ ରାଜ୍ୟ ସରକାର ପ୍ରତ୍ୟେକ ଦୁଗ୍ଧ ସମବାୟ ସଂଘକୁ ଗୃହ ନିର୍ମାଣ ପାଇଁ ଜମି ଯୋଗାଇ ଦେବାକୁ ଦାବି ଉଠିଥିଲା। ବୈଠକରେ ଡେପୁଟି ଜେନେରାଲ ମ୍ୟାନେଜର (ମାନବ ସମ୍ବଳ) ଡ. ଜୟକୃଷ୍ଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଜେନେରାଲ ମ୍ୟାନେଜର (ଫାଇନାନ୍ସ) ସୁରେଶ କୁମାର ଅଲଟିଆ ୨୦୧୮-୧୯ ଆର୍ଥିକ ବର୍ଷର ଅଡିଟ ରିପୋର୍ଟ ଉପସ୍ଥାପନ କରିଥିଲେ।

## ୫ ରେଳ କର୍ମଚାରୀ ସମ୍ମାନିତ



ଭୁବନେଶ୍ୱର : ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ୫ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତ୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଥିଲେ ଯାହା ଦ୍ୱାରା ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସମାରୋହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନ ଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ, ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । ଅସାଧାରଣ ସେବା ପାଇଁ ସମ୍ମାନିତ ହୋଇଥିବା ପାଞ୍ଚ ଜଣ ରେଳ କର୍ମଚାରୀ ହେଉଛନ୍ତି ଖୋର୍ଦ୍ଧା ରୋଡ୍ ର ବରିଷ୍ଠ ସହାୟକ ଲୋକୋ ପାଇଲଟ୍ ଚନ୍ଦ୍ରଗୀର କୁମାର ରାଉତ; ଟିଟିଲାଗଡ଼ର ବରିଷ୍ଠ ଗୁଡ୍‌ସ ଟ୍ରେନ ମ୍ୟାନେଜର ଉପେନ୍ଦ୍ର କୁମାର; ହରିଚନ୍ଦନପୁରର ଟ୍ରାକ୍ ମେଣ୍ଟେନର-୦୦ ସୁରେଶ ଗାଗାରାଏ; ଗୋରଖନାଥର ମେଣ୍ଟେନର ସୁଧାଂସୁ ଶେଖର ଦାସ ଏବଂ ମାନବର (କୋରାପୁଟ)ର ଟ୍ରାକ୍ ମେଣ୍ଟେନର କିଲୋ ସୋନୁ । ମହାପ୍ରବନ୍ଧକ ଫୁଙ୍କୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ଯାହା ରେଳ ନେଟୱାର୍କର ସୁଗମ ଏବଂ ନିରାପଦ କାର୍ଯ୍ୟକାରିତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ସୁନିଶ୍ଚିତ କରିବାରେ ରେଳ କର୍ମଚାରୀଙ୍କ ସମର୍ପଣ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ରେଳ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତାକୁ ସ୍ୱୀକାର କରି, ଶ୍ରୀ ଫୁଙ୍କୱାଲ ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ, ରେଳ କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ପୁନରାବୃତ୍ତି କରିଥିଲେ ଯେ ରେଳ କର୍ମଚାରୀଙ୍କ ଅଟଳ ପ୍ରୟାସ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଅଛି ।

## ପିଆରଏସ୍ଆଇ ଭୁବନେଶ୍ୱର ଚାପ୍ଟରର ନୂତନ ଅଧ୍ୟକ୍ଷ ସୁଧିରଞ୍ଜନ, ସଞ୍ଜୟ ସାହୁ ଉପାଧ୍ୟକ୍ଷ



ଭୁବନେଶ୍ୱର : ପବ୍ଲିକ୍ ରିଲେଶନ୍ସ ସୋସାଇଟି ଅଫ୍ ଇଣ୍ଡିଆ ବା ପିଆରଏସ୍ଆଇ ଭୁବନେଶ୍ୱର ଚାପ୍ଟରର ନୂତନ ଅଧ୍ୟକ୍ଷ ଭାବେ ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍‌ର ହେଡ୍ ଅଫ କର୍ପୋରେଟ ଆଫେୟାର୍ସ ସୁଧିରଞ୍ଜନ ମିଶ୍ର ନିର୍ବାଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ପିଆରଏସ୍ଆଇ ଭୁବନେଶ୍ୱର ଚାପ୍ଟରର ୬ଷ୍ଠ ବାର୍ଷିକ ସାଧାରଣ ବୈଠକ(ଏଜିଏମ) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପିଆରଏସ୍ଆଇର ପରବର୍ତ୍ତୀ ଦୁଇବର୍ଷ ପାଇଁ ନୂତନ ଅଧ୍ୟକ୍ଷ ଏବଂ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ନିର୍ବାଚନ ସର୍ବସମ୍ମତିକ୍ରମେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୂତନ ଅଧ୍ୟକ୍ଷଙ୍କ ସହ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଏପରିକି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍‌ର ଡିଜିଏମ୍(କର୍ପୋରେଟ କମ୍ୟୁନିକେଶନ) ଡ. ସଞ୍ଜୟ କୁମାର ସାହୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲାବେଳେ ରିଲାଏନ୍ସ ଜିଓ ଇନ୍‌ଫୋକମ ଲିମିଟେଡ୍‌ର ଷ୍ଟେଟ ହେଡ (କର୍ପୋରେଟ କମ୍ୟୁନିକେଶନ) କୃଷ୍ଣଚନ୍ଦ୍ର ମହାପାତ୍ର ଚାପ୍ଟରର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି କଳିଙ୍ଗ ହସ୍ପିଟାଲ ଲିମିଟେଡ୍‌ର ହେଡ୍ (କର୍ପୋରେଟ କମ୍ୟୁନିକେଶନ, ପିଆର ଆଣ୍ଡ ବ୍ରାଣ୍ଡିଂ) ଅଂଶୁମାନ ପଟ୍ଟନାୟକ କୋଷାଧ୍ୟକ୍ଷ ଏବଂ ଓଡ଼ିଶା ମାଇନିଂ କର୍ପୋରେଶନର ଡିଜିଏମ୍ (କର୍ପୋରେଟ କମ୍ୟୁନିକେଶନ) ସନ୍ଦୀପ ସେଠୀ ଚାପ୍ଟରର ଯୁଗ୍ମ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଏପରିକି ଚାପ୍ଟରର ନବଗଠିତ କାର୍ଯ୍ୟକାରୀ କମିଟିରେ ଶଶାଙ୍କ ପଟ୍ଟନାୟକ ଏବଂ ଅମରଜ୍ୟୋତି ମହାପାତ୍ର, ତରୁଣ ତୁର୍କ, ସମ୍ବିତ ମହାନ୍ତି, ଧରିତ୍ରୀ ଶତପଥୀ, ଦିପାନ୍ୱିତା ମିଶ୍ର ଏବଂ ଡ. ଅନୁରାଗ ସାହୁ ପ୍ରମୁଖ ରହିଛନ୍ତି। ଏହି ଅବସରରେ ସୁଧିରଞ୍ଜନ କହିଥିଲେ, ନୂତନ ଟିମ୍ ଅର୍ଥପୂର୍ଣ୍ଣ ସହଭାଗିତା ଏବଂ ରାଜ୍ୟରେ ଅନେକ ପିଆରକୈନ୍ଦ୍ରିକ କାର୍ଯ୍ୟକ୍ରମ ଆୟୋଜନ କରିବ। ଏହା ଜରିଆରେ ଆମେ ସୋସାଇଟିକୁ ଅଧିକ ଚଳଚଞ୍ଚଳ ଏବଂ ଦୃଶ୍ୟମାନ କରିବାକୁ ପ୍ରୟାସ କରିବୁ। ଅପରପକ୍ଷରେ ନବନିର୍ବାଚିତ ଟିମ୍ କଉଶଳତା ନିର୍ମାଣକାରୀ କର୍ମଶାଳା, ଆଲୋଚନାଚକ୍ର, ଛାତ୍ରୀଛାତ୍ରଙ୍କ ନିମନ୍ତେ ପିଆର ବୁଟ୍ କ୍ୟାମ୍ପ ଆୟୋଜନ ସହିତ ଇଭେଣ୍ଟ ନେଟ୍‌ୱର୍କିଂ ଜରିଆରେ ଜନସମ୍ପର୍କକୁ ଏକ ବୃତ୍ତି ଭାବେ ଅଭିବୃଦ୍ଧି ଓ ବିକାଶ ପଥରେ ଆଗେଇନେବାକୁ ପ୍ରତିବଦ୍ଧ।

CMYK

# ୟୁନିୟନ ବ୍ୟାଙ୍କ ପକ୍ଷରୁ ସିଏସ୍ଆର କାର୍ଯ୍ୟକ୍ରମ



କଟକ : ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ୟୁବିଆଇ କଟକ କ୍ଷେତ୍ର ପକ୍ଷରୁ ଜଗତସିଂହପୁର ଜିଲାର ବାଲିକୁଦାସ୍ଥିତ ଗଇଠିପୁରଠାରେ ଏକ ସିଏସ୍ଆର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ଜିଲା ପରିଷଦ ରୁନିଲତା ବେହେରା, ସରପଞ୍ଚ ଟୁନିଲତା ବେହେରା ଏବଂ ପୂର୍ବତନ ଜିଲା ପରିଷଦ ରାମଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ବିଧାୟକ ଏବଂ ଜନପ୍ରତିନିଧିଙ୍କ ଦ୍ୱାରା ୨୦୦ଜଣ ଅଭାବୀ ମହିଳାଙ୍କୁ ମଶାରୀ ଏବଂ ଛତା ବଣ୍ଟନ କରାଯାଇଥିଲା। ଏହି ଅବସରରେ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ଉପ-କ୍ଷେତ୍ରୀୟ ମୁଖ୍ୟ ବିଷ୍ଣୁ ଚରଣ ବେହେରା, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରାଙ୍କ ସମେତ ସିଏସ୍ଆର କମିଟିର ମହିଳା ସଭ୍ୟା ତସନୁମ୍ ନାଜ୍, ନଭନୀତା ସେନ୍ ଏବଂ ତପସ୍ୱିନୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅରିଲୋ ଶାଖାର ଶାଖା ମୁଖ୍ୟ ପ୍ରକାଶ ସୁନ୍ଦରାୟ ମହିଳା ଗ୍ରାହକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ବିକାଶ ଯୋଜନା ସମ୍ପର୍କରେ ସୂଚିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗଇଠିପୁର ଅଞ୍ଚଳର ଜଣାଶୁଣା ବ୍ୟକ୍ତି ନରେନ୍ଦ୍ର ନାଥ ବିଶ୍ୱାଳ ଆୟୋଜନ କରିଥିବା ସହ ମନୋସ୍ମିତା ରାଉତ ପରିଚାଳନା କରିଥିଲେ।

# ଆର୍‌ବିଆଇ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



ବ୍ରହ୍ମପୁର : ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଭୁବନେଶ୍ୱର ପକ୍ଷରୁ ଗଞ୍ଜାମ ଜିଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ମହାପ୍ରବନ୍ଧକ ଅନିତା ପଟ୍ଟନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଏସଏଲବିସି ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, ଏସବିଆଇ ଡିଜିଏମ ସନ୍ଦୀପ କୁମାର ଚୌବେ, ୟୁବିଆଇ ଏଜିଏମ ବଂଶୀଧର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆରବିଆଇ ଜିଏମ୍ ସ୍ୱାଗତ ଭାଷଣରେ ସେ ଆରବିଆଇଅ୯୦ ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଆର୍ଥିକ ସାକ୍ଷରତା ପାଇଁ ଆରବିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ସେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ପ୍ରକାର ସାଇବର ଠକେଇ ରୋକିବା ପାଇଁ ଆର୍ଥିକ ସଚେତନତା ଓ ସତର୍କତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଆର୍ଥିକ ସଚେତନତାର ଆବଶ୍ୟକତା ଉପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ସମେତ ଅନ୍ୟ ଅତିଥିମାନେ ମଧ୍ୟ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ପ୍ରାୟ ୪୫୦ ଜଣ ଅଂଶଗ୍ରହଣ କରିଥିଲେ। ଆରବିଆଇର ତିନୋଟି ବିଭାଗ ଯଥା ଏଫଆଇଡିଡି, ଡିଓଏସ ଓ ଆଇବିଡିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକ ଯୋଜନା, ସଞ୍ଚୟ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ନେବା, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା ଏବଂ ପେନସନ, ଶିକ୍ଷା ଋଣ ପାଇଁ ବିଦ୍ୟା ଲକ୍ଷ୍ମୀ ପୋର୍ଟାଲ ଆଦି ଉପରେ ଆୟୋଜିତ ଅଧିବେଶନରେ ସେମାନଙ୍କର ମତ ରଖିଥିଲେ। ଅଂଶଗ୍ରହଣକାରୀଙ୍କୁ ନକଲି ନୋଟ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ ବିନିମୟ ସୁବିଧା ଏବଂ ମୁଦ୍ରା ଗୁଡିକର ଲିଗାଲ ଟେଣ୍ଡର ସମ୍ପର୍କରେ ଅବଗତ କରାଯାଇଥିଲା। ଏହାବ୍ୟତୀତ ବିଭିନ୍ନ ପ୍ରକାର ଠକେଇ ସମେତ ବାସ୍ତବ ଜୀବନର ଉଦାହରଣ ଦେଇ ସାଇବର ଠକେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫୋନ ମାଧ୍ୟମରେ କୌଣସି ବି ବ୍ୟକ୍ତି ସହିତ ସମ୍ବେଦନଶୀଳ ଆର୍ଥିକ ତଥ୍ୟ ଶେୟାର ନ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରାଯାଇଥିଲା। ଶେଷରେ ଆରବିଆଇର ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ଅଭିଯୋଗ ଦାଖଲ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପ୍ରାସଙ୍ଗିକ ଲିଫଲେଟ ବଣ୍ଟନ କରାଯାଇଥିଲା।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଦେଲେ ୨୭ ହଜାର କୋଟିର ଲାଭାଂଶ




ନୂଆଦିଲ୍ଲୀ: ଆର୍ଥିକ ବର୍ଷ ୨୦୨୩-୨୪ରେ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨୭,୮୩୦ କୋଟିର ଲାଭାଂଶ ପ୍ରଦାନ କରିଛନ୍ତି। ଏ କ୍ଷେତ୍ରରେ ୩୩% ଅଭିବୃଦ୍ଧି ହୋଇଛି। ଏହା ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିର ଦୃଢ଼ତାକୁ ଦର୍ଶାଉଛି। ଏହା ପୂର୍ବ ଆର୍ଥିକ ବର୍ଷରେ ୨୦,୯୬୪ କୋଟି ଟଙ୍କା ରହିଥିଲା। ମୋଟ ଡିଭିଡେଣ୍ଡ ମଧ୍ୟରୁ କେନ୍ଦ୍ର ସରକାରଙ୍କୁ ୬୫% ବା ୧୮,୦୧୩ କୋଟି ଟଙ୍କା ମିଳିଛି । ବ୍ୟାଙ୍କଗୁଡ଼ିକରେ ଥିବା ଅଂଶଧନ ଭାବେ ସରକାର ଏହି ଅର୍ଥ ଲାଭ କରିଛନ୍ତି। ୨୦୨୨-୨୩ରେ ସରକାର ଏସବି୍ଆଇ ସମେତ ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ ୧୩,୮୦୪ ବଢ଼ି ୨୫୪୯ କୋଟି ଟଙ୍କା ରହିଛି। ୧.୪୧ ଲକ୍ଷ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିଥିଲେ। ଯାହା ୨୦୨୨-୨୩ରେ ୧.୦୫ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୪-୨୫ର ୯ ମାସରେବ୍ୟାଙ୍କଗୁଡ଼ିକର ଆୟ ୧.୨୯ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଛି। ୨୦୨୩-୨୪ର ୧.୪୧ ଲକ୍ଷ କୋଟିର ନେଟ୍ ଲାଭରେ ଏସ୍‌ବିଆଇର ଅଂଶ ୪୦% ବା ୬୧,୦୭୭ କୋଟି ରହିଛି । ପିଏନ୍‌ବିର ଲାଭ ୨୨୮% ବୃଦ୍ଧି ହୋଇ ୮୨୪୫ କୋଟି, ୟୁନିୟନ ବ୍ୟାଙ୍କ ୬୨% ବଢ଼ି ୧୩,୬୪୯ କୋଟି ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଲାଭ ୬୧% ବଢ଼ି୨୫୪୯ କୋଟି ଟଙ୍କା ରହିଛି।

# ୧.୬୫ ଲକ୍ଷ କୋଟି ନିବେଶରେ ମୋହର



ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ (ଏଚ୍‌ଏଲ୍‌ସିଏ)ଙ୍କ ୪୦ତମ ବୈଠକରେ ୧,୬୫,୩୦୩ କୋଟି ଟଙ୍କାର ୧୦ଟି ନିବେଶ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୫୧,୯୩୯ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସୂଚନା ଅନୁଯାୟୀ, ବେଦାନ୍ତ ପକ୍ଷରୁ ରାୟଗଡ଼ାରେ ୬ ନିୟୁତ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନାରି ଓ ୧.୨ ନିୟୁତ ଟନ୍ ବିଶିଷ୍ଟ ଆଲୁମିନିୟମ୍ ସ୍ମେଲଟର ସ୍ଥାପନ କରିବାରେ ୯୧,୫୨୮କୋଟି ଟଙ୍କା ନିବେଶ କରାଯିବ। କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ୩୫ ହଜାର କୋଟି ଟଙ୍କା ନିବେଶରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ବସାଇବ। ଓଡ଼ିଶା ଥର୍ମାଲ୍ ଏନର୍ଜି ଲିମିଟେଡ୍ କଟକରେ ୧୮,୪୫୦ କୋଟି ଟଙ୍କା ନିବେଶ କରି ଏକ ୨୪୦୦ ମେଗାୱାଟ୍‌ର ଥର୍ମାଲ୍ ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଓଡ଼ିଶା ମେଟାଲର୍ଜିକାଲ୍ ଇଣ୍ଡଷ୍ଟ୍ରି ଗଞ୍ଜାମରେ ଟାଇଟାନିୟମ୍ ପ୍ରକଳ୍ପରେ ୮୦୦ କୋଟି ନିବେଶ କରିବ। ଭଦ୍ରକରେ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନାରେ ଶ୍ୟାମ ଷ୍ଟିଲ୍ ୱାର୍କସ୍ ୫୨୦୦ କୋଟି ନିବେଶ କରିବ। ଓସିଏଲ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ କେନ୍ଦୁଝରରେ ୩୦୦୦ କୋଟି ଟଙ୍କାରେ ୧.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ନିର୍ମାଣ କରିବ। ଶ୍ରୀଟେକ୍ ଡାଟା ମୟୂରଭଞ୍ଜରେ ୧୫୬୦ କୋଟି ଟଙ୍କା ଖଟାଇ ଗ୍ରିନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନ କରିବ। ୱାର୍ଲଡ୍ ଗ୍ରିନ୍ ଏନର୍ଜି ଗଞ୍ଜାମରେ ସୋଲାର ମଡ୍ୟୁଲ୍ ଉତ୍ପାଦନ କାରଖାନା କରିବାରେ ୧୪୭୫ କୋଟି ଟଙ୍କା ନିବେଶ କରିବ। ଜୁପିଟର ଟାଟ୍ରାଭାଗୋଙ୍କା ରେଲ୍ ହ୍ୱିଲ୍ ଫ୍ୟାକ୍ଟ୍ରିର ୧୦୯୦ କୋଟି ଟଙ୍କାର ଖୋର୍ଦ୍ଧା ରେଳ ଚକ ଉତ୍ପାଦନ କାରଖାନା ପ୍ରସ୍ତାବକୁ ମଧ୍ୟ ବୈଠକରେ ମଞ୍ଜୁରି ମିଳିଛି।

# ସିଜିୟୁ ସହ ଜେଏସ୍‌ପିର ବୁଝାମଣା




ଭୁବନେଶ୍ୱର : ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ) ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ସ୍କିଲ୍ ଇଣ୍ଡିଆ ମିଶନକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପାଇଁ ଉଭୟ ପ୍ରତିଷ୍ଠାନ ମଧ୍ୟରେ ଏହି ବୁଝାମଣା ହୋଇଛି। ଅପରପକ୍ଷରେ ଜେଏସ୍‌ପିର ଅଧ୍ୟକ୍ଷ ତଥା ସାଂସଦ ନବୀନ ଜିନ୍ଦଲଙ୍କ ପରିକଳ୍ପନାକୁ ଆଉ ଏକ ପାଦ ଆଗକୁ ନେବା ସହ କମ୍ପାନୀର 'ଦକ୍ଷତା' କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀମାନଙ୍କ କୌଶଳ ବୃଦ୍ଧି ପାଇଁ ସିଜିୟୁ ସହ ଜେଏସ୍‌ପି ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ସେହିଭଳି ଏହି ବୁଝାମଣାପତ୍ର ଅନୁଯାୟୀ ଜେଏସ୍‌ପି ଏବଂ ସିଜିୟୁ ମିଳିତ ଭାବେ ଜେଏସ୍‌ପିର ଅନୁଗୋଳ ସ୍ଥିତ ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଏବଂ ସିଜିୟୁ-ଓଡ଼ିଶାର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ରେ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିବେ। ୱେଲ୍ଡିଂ, ଫେବ୍ରିକେଶନ ଏବଂ ଇଲେକ୍ଟ୍ରିସିଆନ୍ ଆଦି କ୍ଷେତ୍ର ସହ ଅନ୍ୟାନ୍ୟ ଭବିଷ୍ୟ-ଉପଯୋଗୀ ଦକ୍ଷତା ବୃଦ୍ଧି ଉପରେ ଏହି ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯିବ। ଏହାସହ ଶିଳ୍ପ ଅଟୋମେଶନରେ ବିଶେଷ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଯେଉଁଥିରେ ପିଏଲ୍‌ସି, ଏଚ୍‌ଏମ୍‌ଆଇ, ସ୍କାଡା, ଡିସିଏସ୍, ହାଇଡ୍ରୋଲିକ୍ସ, ନ୍ୟୁମେଟିକ୍ସ ଆଦି କ୍ଷେତ୍ର ସହ ଉନ୍ନତ ୱେଲ୍ଡିଂ, ଉନ୍ନତ ମେଶିନିଂ, ସିମୁଲେସନ ଏବଂ ମଡେଲିଂ ଆଦି କ୍ଷେତ୍ର ରହିବ। ଏହି ପରିପ୍ରେକ୍ଷୀରେ ଜେଏସ୍ ?ପି ଅନୁଗୋଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ ସିଜିୟୁର ପ୍ରୋ ଭାଇସ୍ ଚାନସ୍ଲେର ଡ. ଜି. ଶ୍ରୀଦେବୀ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଜେଏସ୍‌ପିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଭାଇସ୍ ପ୍ରେସିଡେଣ୍ଟ (ମାନବ ସମ୍ବଳ) ସୁଭାଷ ଚନ୍ଦ୍ରଙ୍କ ସମେତ ସିଜିୟୁର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଅମୂଲ୍ୟ ମହାପାତ୍ର, ୱେଲ୍ଡିଂ ସିଓଇ ମୁଖ୍ୟ ଦେବାଶିଷ ମହାପାତ୍ର ଏବଂ ଅଟୋମେଶନ ସିଓଇ ମୁଖ୍ୟ ରଜତ ସାମନ୍ତରାୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜେଏସ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅନୁଗୋଳ) ପଙ୍କଜ ମଲହାନ କହିଛନ୍ତି, ଭାରତର ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ନିମନ୍ତେ ଏକ ଉଚ୍ଚ କୁଶଳୀ କର୍ମଚାରୀ ଗୋଷ୍ଠୀ ସୃଷ୍ଟିକରିବା ପାଇଁ ଆମର ପ୍ରତିବଦ୍ଧତାକୁ ଏହି ସହଭାଗିତା ପ୍ରଦର୍ଶନ କରିବ। ଆମେ ବିଶ୍ୱାସ କରୁଛୁ, ଆମର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରୁଥିବା ଏହି ପଦକ୍ଷେପ ଜେଏସ୍ ?ପି ତଥା ସମଗ୍ର ଭାରତରେ କାର୍ଯ୍ୟଦକ୍ଷତା ଏବଂ କୌଶଳ ବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

# ଏନ୍‌ଟିପିସି ପକ୍ଷରୁ ମିଡିଆ ଇଣ୍ଟ୍ରାକ୍ସନ ମିଟ୍




ତାଳଚେର : ଏନ୍‌ଟିପିସି ତାଳଚେର କଣିହାଁ ତରଫରୁ ପ୍ରକଳ୍ପ ପରିସର ଦୀପ ତରଙ୍ଗ ହଲ୍‌ଠାରେ ଏକ ମିଡିଆ ଇଣ୍ଟ୍ରାକ୍ସନ ମିଟ୍ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ଓ ଗଣମାଧ୍ୟମ ମଧ୍ୟରେ ଯୋଗାଯୋଗ ଏବଂ ସମ୍ପର୍କକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ସେହଗଲ ଯୋଗ ଦେଇଥିଲେ। ଜିଏମ୍ (ଓ ଆଣ୍ଡ ଏମ୍) ସତ୍ୟରାମା କ୍ରୀଷ୍ଣା, ଏଜିଏମ୍ (ଟିଏସ୍) ସମର୍ପିତା ଦେୱାସୀ, ଏଜିଏମ୍ (ପ୍ରୋଜେକ୍ଟ) ଶତ୍ରୁଘ୍ନ ବେହେରା ଏବଂ ଏଜିଏମ୍ (ଏଚ୍‌ଆର) ନବନୀତ କୁମାରଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି, ଏନ୍ ?ଟିପିସି ତାଳଚେର କଣିହାଁର କର୍ମଚାରୀ, ୟୁନିୟନ ଆସୋସିଏଶନ ଏବଂ ଅନେକ ଗଣମାଧ୍ୟମ ପ୍ରତିନିଧି ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ଉତ୍ସାହଜନକ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହାପରେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର), ସ୍ଥାୟିତ୍ୱ ପଦକ୍ଷେପ ଏବଂ ଷ୍ଟେଶନର ଗୁରୁତ୍ୱପୂର୍ଣ୍ଣ ସଫଳତା ଉପରେ ସେହଗଲ ଆଲୋଚନା କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେମାନଙ୍କ ନିରନ୍ତର ସମର୍ଥନ ଏବଂ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ୫୭ ବର୍ଷରେ ଅକ୍ଷୟଙ୍କ ଫିଟ୍ ରହିବାର ରାଜ୍



ନୂଆଦିଲ୍ଲୀ: ନିଜ ଫିଟନେସକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି ଅକ୍ଷୟ କୁମାର। ୫୭ ବର୍ଷରେ ବି ସେ କେମିତି ଏତେ ଫିଟ୍ ଅଛନ୍ତି ? ଫିଟ୍ ରହିବାକୁ କଣ ଖାଉଛନ୍ତି ? କେତେ ସମୟ ବ୍ୟାୟାମ କରୁଛନ୍ତି ? ଏବଂ ଏ ବୟସରେ ବି ସେ କେମିତି ଯୁବକଙ୍କ ପରି ଲାଗୁଛନ୍ତି ? ତାଙ୍କ ପ୍ରଶଂସକଙ୍କ ଗହଣରେ ଏ ସବୁ ପ୍ରଶ୍ନ ଅନେକ ସମୟରେ ଉଠୁଥିବା ବେଳେ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ସୁନ୍ଦର ସ୍ୱାସ୍ଥ୍ୟ ପଛର ସିକ୍ରେଟ୍ କହିଛନ୍ତି ନିର୍ଦ୍ଦେଶକ ରୋହିତ ସେଟ୍ଟୀ ।

ଏକ ପୋଡକାଷ୍ଟରେ ରୋହିତ ଅକ୍ଷୟଙ୍କ ସ୍ୱାସ୍ଥ୍ୟ ପଛର ଗୁମର ଖୋଲିଛନ୍ତି । ରୋହିତ କହିଛନ୍ତି- ଅକ୍ଷୟ ସାଧାରଣ ଖାଦ୍ୟ ଖାଆନ୍ତି, ସାଧାରଣ ବ୍ୟାୟାମ ବି କରନ୍ତି । ସେ କୌଣସି ଫିଟନେଟ୍ ଟ୍ରେନିଂ ନିଅନ୍ତି ନାହିଁ। ୮୦ ମହଲା କୋଠାକୁ ସେ ଆରାମରେ ଉପର ତଳ ହୋଇଯିବେ । ଶୋଇବାକୁ ନେଇ ଅକ୍ଷୟ କୁମାର ଭାରି ସଂଯମ । ସମସ୍ତେ ଜାଣନ୍ତି ଅକ୍ଷୟ କୁମାର ଶୀଘ୍ର ଶୁଅନ୍ତି ମାତ୍ର ସୁଟିଂ ଥିଲେ ସେ ତାକୁ ମ୍ୟାନେଜ କରି ନିଅନ୍ତି।

ତେବେ ଅକ୍ଷୟ କୁମାର ପ୍ରତିଦିନ ସକାଳେ ଶୀଘ୍ର ଉଠନ୍ତି ଏବଂ ବ୍ୟାୟାମ କରନ୍ତି। ଜିମ୍ ସହ ଯୋଗ ବି କରନ୍ତି। ଫିଟ୍ ରହିବା ପାଇଁ ଅକ୍ଷୟ କୁମାର ବିଭିନ୍ନ ସମୟରେ ମାର୍ଶଲ ଆର୍ଟ, ଟ୍ରେକ୍ ରନିଂ ପରି ଭିନ୍ନ ଭିନ୍ନ କୌଶଳ ଆପଣାନ୍ତି। ଏଥିସହ ଖାଦ୍ୟରେ ବି ଶୃଙ୍ଖଳା ରକ୍ଷା କରନ୍ତି ଅକ୍ଷକ କୁମାର । ସେ ସବୁବେଳେ ତାଜା ଫଳ ଖାଆନ୍ତି । ସବୁଜ ପନିପରିବା ଏବଂ ପୁଷ୍ଟିକର ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ସେ ଖାଦ୍ୟରେ ଅଣ୍ଡା, ଡାଲି, ଚିକେନ୍ ଏବଂ ସାଲାଡ ଖାଇବାକୁ ଗୁରୁତ୍ୱ ଦିଅନ୍ତି ।

# ୨୦୨୬ ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବ 'ଟକ୍ସିକ'




ନୂଆଦିଲ୍ଲୀ: କେଜିଏଫ ଷ୍ଟାର ଯଶଙ୍କ ଫିଲ୍ମ ପାଇଁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରନ୍ତି। ଯଶଙ୍କ ଫିଲ୍ମ ଟକ୍ସିକ୍ ସମ୍ପର୍କରେ ପ୍ରତିଦିନ ଅପଡେଟ୍ ଆସୁଛି। ଏବେ ଯଶ ସୋସିଆଲ ମିଡିଆରେ ଫିଲ୍ମର ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ଏହି ଫିଲ୍ମରେ ଯଶଙ୍କ ସହ କିଆରା ଆଡଭାନୀ ମୁଖ୍ୟ ଭୂମିକାରେ ନଜର ଆସିବେ।

ଯଶ ଫିଲ୍ମର ନୂତନ ପୋଷ୍ଟର ସେୟାର କରିଛନ୍ତି। ଯେଉଁଥିରେ ଫିଲ୍ମର ରିଲିଜ ତାରିଖ ଲେଖାଯାଇଛି। ଏହି ଫିଲ୍ମଟି ୨୦୨୬ ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବ। ଯଶଙ୍କୁ ଟକ୍ସିକରେ ଦେଖିବା ପାଇଁ ପ୍ରଶଂସକମାନଙ୍କୁ ଦୁଇ ବର୍ଷ ଅପେକ୍ଷା କରିବାକୁ ପଡିବ। ଏହି ଫିଲ୍ମଟି ପୂର୍ବରୁ ଏହି ବର୍ଷ ମୁକ୍ତିଲାଭ କରିବାର ଯୋଜନା ଥିଲା କିନ୍ତୁ ଅନେକ କାରଣ ଯୋଗୁଁ ଏହାକୁ ସ୍ଥଗିତ ରଖିବାକୁ ପଡିଲା। ପୋଷ୍ଟରରେ, ଯଶ ଏକ ଘରକୁ ନିଆଁ ଲଗାଇ ଫେରୁଥିବାର ଦେଖାଯାଉଛି। ସେ ଏକ କଳା ପୋଷାକ ଏବଂ ଏକ ଟୋପି ପିନ୍ଧିଥିବାର ଦେଖାଯାଉଛି। ପୋଷ୍ଟର ସେୟାର କରିବା ସମୟରେ ଯଶ ଲେଖିଛନ୍ତି- ୧୯-୦୩-୨୦୨୬। ଏହା ସହିତ ଏକ ହାତ ଯୋଡି ଇମୋଜି ପୋଷ୍ଟ କରିଛନ୍ତି।

ଆପଣଙ୍କୁ କହି ରଖୁଛୁ ଯେ ରିପୋର୍ଟ ଅନୁସାରେ, ଟକ୍ସିକରେ ଯଶଙ୍କ ସହ କିଆରା ଆଡଭାନୀ ମୁଖ୍ୟ ଭୂମିକାରେ ନଜର ଆସିବେ। ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ସେ ଏହି ଫିଲ୍ମ ପାଇଁ ବହୁତ ଟଙ୍କା ନେଉଛନ୍ତି। କିଆରା ଟକ୍ସିକ ପାଇଁ ୧୫ କୋଟି ଟଙ୍କା ନେଉଛନ୍ତି। ଟକ୍ସିକ୍ ବିଷୟରେ କହିବାକୁ ଗଲେ, ଏହା ଏକ ବହୁଭାଷୀ ଫିଲ୍ମ। ଏହି ଫିଲ୍ମ କନ୍ନଡ, ହିନ୍ଦୀ, ତାମିଲ, ତେଲୁଗୁ ଏବଂ ମାଲାୟଲମରେ ମୁକ୍ତିଲାଭ କରିବ। ଏହି ଫିଲ୍ମଟି ୨୦୦ କୋଟି ଟଙ୍କା ବଜେଟରେ ନିର୍ମିତ ହେବ।

# ମସରୁମ୍ ପକୋଡ଼ା

ଆବଶ୍ୟକ ସାମଗ୍ରୀ: ଛତୁ,ଆଳୁ ,ଅଦା, ପିଆଜ, ରସୁଣ ଛେଚା, କଟା କଞ୍ଚାଲଙ୍କା, କଟା ଧନିଆ ପତ୍ର, କର୍ଣ୍ଣଫ୍ଲୋର ପାଉଡର, ବେସନ, ଲଙ୍କା ଗୁଣ୍ଡ, ସୋୟା ସସ୍ ,ଟମାଟୋ ସସ୍ , ଚିଲ୍ଲି ସସ୍, ଭିନେଗାର,ଚାଇନା ସଲ୍ଟ, ବ୍ରେଡ୍ କ୍ରମ୍ବ,ଲୁଣ ଓ ରିଫାଇନ୍ ତେଲ ।



ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଛତୁକୁ ଭଲଭାବେ ଧୋଇ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏହାପରେ ୨ଟି ଆଳୁକୁ ପ୍ରେସର କୁକରରେ ସିଝାଇ ଏକ ପାତ୍ରରେ ରଖନ୍ତୁ। ଛତୁରେ ପିଆଜ,ରସୁଣ,ଅଦା ଛେଚାର ମିଶ୍ରଣକୁ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କର୍ଣ୍ଣଫ୍ଲୋର,ଅଳ୍ପ ବେସନ,ଚାଇନିଜ୍ ସଲ୍ଟ,ସୋୟା ସସ୍,ଟମାଟୋ ସସ୍,ଚିଲ୍ଲି ସସ୍, ଲଙ୍କା ଗୁଣ୍ଡ,ଅଳ୍ପ ଲୁଣ, ଭିନେଗାର ଓ ଅଳ୍ପ ପାଣି ପକାଇ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡେଇ ରଖି ଦିଅନ୍ତୁ। ମନେରଖନ୍ତୁ ମିଶ୍ରଣଟି ବହଳିଆ ଓ ଶୁଖିଲା ରହିବ।

ଅଧଘଣ୍ଟା ପରେ ଏହି ମିଶ୍ରଣକୁ କାଢି ସେଥିରେ ସିଝା ଆଳୁକୁ ଚକଟି ଦିଅନ୍ତୁ । ଏହାପରେ ସେଥିରେ ଗୋଲ ଗୋଲ୍ ପକୋଡ଼ା ଆକାରର ଗଢି ଏକ ପାତ୍ରରେ ରଖନ୍ତୁ। ପରେ କରେଇରେ ତେଲକୁ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ପକୋଡ଼ା ଗୁଡିକ ତେଲରେ ପକାନ୍ତୁ। ପକୋଡ଼ା ଗୁଡ଼ିକ ଗୋଲଡ୍ଡେନ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମାଗରମ 'ମସରୁମ୍ ପକୋଡ଼ା'। ଏହି ମସରୁମ୍ ପକୋଡ଼ାକୁ ଆପଣ ପୋଦିନା ଚଟଣି କିମ୍ବା ସସ୍ ସହିତ ଖାଇପାରିବେ।

# ୨୭ ଦିନ ଜେଲରେ ରହିଥିଲେ ରିଆ



ମୁମ୍ବାଇ: ବଲିଉଡ୍ ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁର ପାଞ୍ଚ ବର୍ଷ ପରେ ଶନିବାର ଦିନ ସିବିଆଇ ତାର କ୍ଲୋଜର ରିପୋର୍ଟ ଉପସ୍ଥାପନ କରି କହିଛି ଯେ, ସୁଶାନ୍ତ ସିଂହ ରାଜପୁତଙ୍କୁ କେହି ଆତ୍ମହତ୍ୟା କରିବାକୁ ବାଧ କରିଥିବାର କୌଣସି ପ୍ରମାଣ ମିଳିନାହିଁ। ଏହି ମାମଲାରେ ରିଆ ଚକ୍ରବର୍ତ୍ତୀ ଏବଂ ତାଙ୍କ ପରିବାରକୁ ମଧ କ୍ଲିନ୍ ଚିଟ୍ ଦିଆଯାଇଛି। ଏହା ଉପରେ ଅଭିନେତ୍ରୀଙ୍କ ଓକିଲ କହିଛନ୍ତି ଯେ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ପରେ ତାଙ୍କ ମହକିଲଙ୍କ ସହ ଜଡିତ ମିଥ୍ୟା କାହାଣୀ ଯାହା ସୋସିଆଲ ମିଡିଆରେ ତିଆରି ଏବଂ ପ୍ରସାରିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ଅନୁପଯୁକ୍ତ। ସେ ଏହା ମଧ କହିଛନ୍ତି ଯେ ମାମଲାର ତଦନ୍ତର ଫଳାଫଳ ନ୍ୟାୟ ଏବଂ ନ୍ୟାୟପାଳିକା ଉପରେ ବିଶ୍ୱାସ ଫେରାଇ ଆଣିଛି।

କ୍ଲୋଜର ରିପୋର୍ଟ ଦାଖଲ ହେବା ଉପରେ ପ୍ରତିକ୍ରିୟା ଦେଇ ରିୟାଙ୍କ ଓକିଲ ସତୀଶ ମାନେଶିନ୍ଦେ ଏକ ବିବୃତ୍ତିରେ କହିଛନ୍ତି, 'ପ୍ରାୟ ୪ ବର୍ଷ ପରେ ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ସମ୍ପର୍କରେ ସିବିଆଇ ଏକ କ୍ଲୋଜର ରିପୋର୍ଟ ଦାଖଲ କରିଛି। ସମସ୍ତ ଦୃଷ୍ଟିକୋଣରୁ ମାମଲାର ପ୍ରତ୍ୟେକ ଦିଗକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ମାମଲାକୁ ବନ୍ଦ କରିଥିବାରୁ ଆମେ ସିବିଆଇ ପାଖରେ କୃତଜ୍ଞ। ସୋସିଆଲ ମିଡିଆ ଓ ଇଲେକ୍ଟ୍ରୋନିକ୍ ମିଡିଆରେ ପ୍ରଚାରିତ ମିଥ୍ୟା ଖବର ସମ୍ପୂର୍ଣ୍ଣ ଭାବରେ ଅନୁଚିତ ଥିଲା। ମହାମାରୀ ଯୋଗୁଁ ଦେଶରେ କିଛି ହେଉ ନଥିବାରୁ ସମସ୍ତେ ଟିଭି ଓ ସୋସିଆଲ ମିଡିଆ ସହିତ ଜଡିତ ଥିଲେ। ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ କରାଯାଇଥିଲା। ମୁଁ ଆଶା କରୁଛି ଯେ ଏହା ଅନ୍ୟ କୌଣସି କ୍ଷେତ୍ରରେ ପୁନରାବୃତ୍ତି ହେବ ନାହିଁ।'

ସେ ଆହୁରି କହିଛନ୍ତି, ମୁଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ସେମାନଙ୍କର କାର୍ଯ୍ୟ ଉପରେ ଚିନ୍ତନ କରନ୍ତୁ। ରିଆ ଚକ୍ରବର୍ତ୍ତୀଙ୍କୁ ଅଗଣିତ ଦୁଃଖ ସହିବାକୁ ପଡିଥିଲା ଏବଂ ତାଙ୍କର କୌଣସି ଦୋଷ ନଥାଇ ମଧ ସେ ୨୭ ଦିନ ଜେଲରେ ରହିଥିଲେ। ଏପରି ଅମାନବୀୟ ବ୍ୟବହାରକୁ ନୀରବରେ ସହ୍ୟ କରିବା ପାଇଁ ମୁଁ ତାଙ୍କୁ ଓ ତାଙ୍କ ପରିବାରକୁ ସାଲ୍ୟୁଟ୍ କରୁଛି। ରିଆଙ୍କ ପରିବାର, ମୋର ଟିମ ଓ ମୋତେ ହଇରାଣ କରାଯାଇଥିଲା ଏବଂ ଆମ ଜୀବନକୁ ମାରିଦେବାକୁ ଧମକ ମଧ ଦିଆଯାଇଥିଲା। ଅଭିନେତା ସୁଶାନ୍ତ ସିଂହ ରାଜପୁତ ୧୪ ଜୁନ୍ ୨୦୨୦ରେ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳର ତାଙ୍କ ଫ୍ଲାଟରେ ଝୁଲନ୍ତା ଅବସ୍ଥାରେ ମିଳିଥିଲେ, ଯାହା ପରେ ଅଭିନେତାଙ୍କ ପରିବାର ପକ୍ଷରୁ ରିଆ ଚକ୍ରବର୍ତ୍ତୀ ଏବଂ ତାଙ୍କ ପରିବାର ବିରୁଦ୍ଧରେ ଅନେକ ଅଭିଯୋଗ କରାଯାଇଥିଲା। ଏହି କାରଣରୁ ଅଭିନେତ୍ରୀଙ୍କୁ କିଛି ଦିନ ଜେଲରେ ରହିବାକୁ ପଡିଥିଲା।

# ସ୍ୱାସ୍ଥ୍ୟ ପାଇଁ ଉପକାରୀ ଅଳସୀ ମଞ୍ଜି



ପ୍ରକୃତିରୁ ମିଳୁଥିବା କେତେକ ଫୁଲର ମଞ୍ଜି ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସେଥିମଧ୍ୟରୁ ଅଳସୀ ମଞ୍ଜି ଅନ୍ୟତମ। ଅଳସୀ ମଞ୍ଜିରେ ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ସ୍ୱାସ୍ଥ୍ୟ ଉପରେ ସୁପ୍ରଭାବ ପକାଇଥାଏ। ତେଣୁ ଆଜିର ଆଲେଖ୍ୟରେ ଜାଣନ୍ତୁ ଅଳସୀ ମଞ୍ଜି ଖାଇବା ଦ୍ୱାରା କେଉଁ କେଉଁ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ ଏବଂ ଏହାକୁ କିପରି ଖାଇବା...

ୟୁରିକ୍ ଏସିଡ୍: ମଣିଷ ଶରୀରରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ମଧ୍ୟରୁ ୟୁରିକ୍ ଏସିଡ୍ ବୃଦ୍ଧି ଅନ୍ୟତମ। ଏହି କାରଣରୁ ଗଣ୍ଠି ଯନ୍ତ୍ରଣା ସହ ଆଙ୍ଗୁଠି ଫୁଲିଯାଇ ଅତ୍ୟଧିତ ଯନ୍ତ୍ରଣା ହୁଏ। ଏପରି କ୍ଷେତ୍ରରେ ଅଳସୀ ମଞ୍ଜି ଖାଇବା ଦ୍ୱାରା ୟୁରିକ୍ ଏସିଡ୍ ନିୟନ୍ତ୍ରିତ ରହିଥାଏ।

ଅଳସୀ ମଞ୍ଜି ୟୁରିକ୍ ଏସିଡକୁ କିପରି ନିୟନ୍ତ୍ରିତ କରେ

ଅଳସୀ ମଞ୍ଜିରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଏବଂ ଅନେକ ଜରୁରୀ ପୋଷକ ତତ୍ତ୍ୱ ଥାଏ। ଏହି ପୋଷକ ତତ୍ତ୍ୱ ଶରୀରରେ ବୃଦ୍ଧି ହୋଇଥିବା ୟୁରିକ୍ ଏସିଡକୁ ନିୟନ୍ତ୍ରଣ କରିବା ପାଇଁ କାମ କରନ୍ତି। ଅଳସୀ ମଞ୍ଜି ତେଲରେ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ଥାଏ, ଏହା ୟୁରିକ୍ ଏସିଡ୍ ବୃଦ୍ଧି କାରଣରୁ ହେଉଥିବା ଯନ୍ତ୍ରଣାକୁ ଦୂର କରିବାରେ ସାହାଯ୍ୟ କରିପାରେ।

ଅଳସୀ ମଞ୍ଜିର ଅନ୍ୟାନ୍ୟ ଉପକାରିତା : ଓଜନ ହ୍ରାସରେ ଅଳସୀ ମଞ୍ଜିର ମୁଖ୍ୟ ଭୂମିକା ରହିଛି। କାରଣ ଅଳସୀ ମଞ୍ଜି ଖାଇବା ଦ୍ୱାରା ବାରମ୍ବାର ଭୋକ ଲାଗିନଥାଏ। ଏଥିରେ ଥିବା ପ୍ରଚୁର ପରିମାଣର ଫାଇବର ଏବଂ ପ୍ରୋଟିନ ଭୋକକୁ ନିୟନ୍ତ୍ରଣରେ ରଖିଥାଏ। ଅଳସୀ ମଞ୍ଜିକୁ ଖାଇବା ଦ୍ୱାରା ମଧ ହଜମ ମନ୍ଥର ହୋଇଯାଏ। ଫଳରେ ବିଶେଷ ଭୋକ ଲାଗିନଥାଏ ଏବଂ ଓଜନ ନିୟନ୍ତ୍ରଣ ରହିଥାଏ।

ଏହା ବ୍ୟତୀତ ଅଳସୀ ମଞ୍ଜିରେ ଓମେଗା ଫ୍ୟାଟି ଏସିଡ୍ ମଧ ଥାଏ। ଏହା ଧମନୀରେ ଜମା ହୋଇଥିବା କୋଲେଷ୍ଟ୍ରଲକୁ ହ୍ରାସ କରିଥାଏ। କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରହିଲେ ସ୍ୱତପ୍ରୋତଃ ଭାବେ ହୃଦୟ ସ୍ୱାସ୍ଥ୍ୟ ଭଲ ରହିଥାଏ।

ଅଳସୀ ମଞ୍ଜିକୁ କିପରି ଖାଇବେ ?

ପ୍ରତିଦିନ ମଧ୍ୟାହ୍ନ ଭୋଜନର ଅଧ ଘଣ୍ଟାଏ ପରେ ଗୋଟିଏ ଚାମଚ ଅଳସୀ ମଞ୍ଜି ଖାଇପାରିବେ। ଏହା ବ୍ୟତୀତ ରାତିରେ ଅଳସୀ ମଞ୍ଜିକୁ ଭିଜାଇ ସକାଳେ ଖାଲିପେଟରେ ଖାଇପାରିବେ। କିନ୍ତୁ ମନେ ରଖନ୍ତୁ, ମଧ୍ୟାହ୍ନ ଭୋଜନ ପରେ ଅଳସୀ ମଞ୍ଜି ସେବନ, ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଗୋଟିଏ ଦିନରେ ଥରେ ଅଳସୀ ମଞ୍ଜି ଖାଇବା ଭଲ।

News Desk- Mob : 94374-04455, 0674- 2597909, Contact Address : VIC-12/1, Unit-1, Bapuji Nagar, Bhubaneswar.
Advt.,Circulation & Sales - 94398- 30788, E- mail ID : amarajdhani@gmail.com,

Printed, Published, Owned & Edited by Sri Rabi Das, Published from VIC-12/1, Unit-1, Bhubaneswar-751009, Orissa and Printed at Mallhar Publications, D-1/1, Mancheswar I.E. Bhubaneswar-751010.
Editor : Rabi Das
ସମ୍ପାଦକ - ରବି ଦାସ
CMYK